ବର୍ଷ-୨୬, ସଂଖ୍ୟା-୧୬୪
ଭୁବନେଶ୍ୱର
୨୦, ଜୁନ ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 164
Bhubaneswar
20, June, 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଜନ୍ମମାଟିରେ ମହାମହିମ




ବିକାଶର ଧାରା
ଓଡ଼ିଶା ସାରା



## ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି
**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

ଗରିମାମୟ ଉପସ୍ଥିତି
**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ

₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି

### ଭିତ୍ତିପ୍ରସ୍ତର ସ୍ଥାପନ

₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି

### ରେଳ ପ୍ରକଳ୍ପ ଲୋକାର୍ପଣ

- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

15001/76/2627
OIPR-15001/15001/2/26-27/0076

# ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଆଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



## ଖବର

# ନୂଆ ଷ୍ଟୁଡିଓ କିଣି ଭାବୁକ ହେଲେ ଭାରତୀ





କମେଡିଆନ୍ ଭାରତୀ ସିଂହ ଏବଂ ହର୍ଷ ଲିମ୍ବାଚିଆ କ୍ୟାରିଅରରେ ଅଗ୍ରଗତି କରୁଛନ୍ତି । କିଛିବର୍ଷ ଭିତରେ ଦୁହେଁ ଷ୍ଟୁଡିଓ ନେଇଛନ୍ତି ।ଯାହାର ବିଳାସପୂର୍ଣ୍ଣ ଘର ସହିତ ଗାଡ଼ି ସବୁକିଛି ହାସଲ କରିଛନ୍ତି । ଭାରତୀ ଏବଂ ହର୍ଷଙ୍କର ଗୋଲା ଏବଂ କାଜୁ ନାମରେ ଦୁଇଟି ପୁଅ ରହିଛି । ଏବେ ଭାରତୀ ଫ୍ୟାନ୍ସଙ୍କ ସହିତ ଆଉ ଏକ ଖୁସି ସେୟାର କରିଛନ୍ତି ।ଭାରତୀ ଏକ ନୂଆ ଗ୍ରାଣ୍ଡ ଓପନିଂ କରି ଭିଡିଓରେ ଭାରତୀ ନୂଆ ଷ୍ଟୁଡିଓର ଟୁର୍ କରାଯାଇଛନ୍ତି । ଭାରତୀ ନୂଆ ଅଫିସକୁ ପୂଜା କରିବା ପରେ ପୁରା ପରିବାର ସହିତ ଗୃହ ପ୍ରବେଶ କରିଛନ୍ତି । ହର୍ଷ ଏବଂ ଭାରତୀ ନିଜ ପୁଅ ସହିତ ନୂଆ ଷ୍ଟୁଡିଓର ଗ୍ରାଣ୍ଡ ଓପନିଂ ବିଧିବିଧାନ ସହିତ ପୂଜା କରିଛନ୍ତି । ହର୍ଷ ନଡିଆ ଭାଙ୍ଗି ଶୁଭାରମ୍ଭ କରି ପ୍ରବେଶ କରିଛନ୍ତି ।ନିଜ ଭିଡିଓରେ ଫ୍ୟାନ୍ସଙ୍କ ଆଶୀର୍ବାଦ ଏବଂ ଭଲପାଇବା ପାଇଁ କହିଛନ୍ତି । ନିଜ ଭିଡିଓ ଭାରତୀ ବହୁତ ଭାବୁକ ହୋଇଛନ୍ତି । ଭାରତୀଙ୍କ ସଫଳତା ଦେଖି ଫ୍ୟାନ୍ସ ବେଶ୍ ଖୁସି ରହିଛନ୍ତି ।ଭାରତୀ ଏବଂ ହର୍ଷ ୨୦୧୭ ଡିସେମ୍ବରରେ ବିବାହ କରିଥିଲେ । ତାଙ୍କର ଦୁଇଟି ପୁଅ ସନ୍ତାନ ରହିଛନ୍ତି ।

# ସୁସ୍ଥ ମାଢ଼ି ସୁସ୍ଥ ମୁଖ

ମୁଖ ପରିଚ୍ଛନ୍ନତା କଥା ଉଠିଲେ ସାଧାରଣତଃ ଦାନ୍ତ ହିଁ ଦୃଷ୍ଟି ଆକର୍ଷଣ କରିଥାଏ। ତେବେ ପାଟିର ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମାଢ଼ିୟ ତେଣୁ ତା' ପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ଦନ୍ତ ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି। ଆମର ମାଢ଼ି କେବଳ ଆମ ଦାନ୍ତକୁ ଘେରି ରହିଥିବା ଗୋଲାପୀ ତନ୍ତୁ ନୁହେଁ, ଏହା ଏକ ଜୀବନ୍ତ ଓ ଶ୍ୱାସକ୍ରିୟାଶୀଳ ଗଠନ। ମାଢ଼ି ଦାନ୍ତର ମୂଳ ଏବଂ ଦାନ୍ତକୁ ଠିକ୍ ସ୍ଥାନରେ ଧରି ରଖୁଥିବା ହାଡ଼କୁ ସୁରକ୍ଷା ଦିଏୟ ସୁସ୍ଥ ମାଢ଼ି ଦାନ୍ତ ଚାରିପାଖରେ ଏକ ସଙ୍କୁଚିତ ଆବରଣ ସୃଷ୍ଟି କରେ, ଯାହା ଜୀବାଣୁ ଏବଂ ଖାଦ୍ୟ କଣିକାଗୁଡ଼ିକୁ ଚର୍ମ ଅଭ୍ୟନ୍ତରକୁ ଯିବାରୁ ରୋକିଥାଏ ଏବଂ ସମଗ୍ର ଦାନ୍ତ ସ୍ୱାସ୍ଥ୍ୟକୁ ଅକ୍ଷୁଣ୍ଣ ରଖିଥାଏ। ଅଧିକାଂଶ ଲୋକ ସାଧାରଣତଃ ଦାନ୍ତ ଘଷିବା ସମୟରେ ରକ୍ତସ୍ରାବ, ଫୁଲା, ସମ୍ବେଦନଶୀଳତା, କିମ୍ବା ଲଗାତାର ଦୁର୍ଗନ୍ଧ ହେଲା ଭଳି ଅସ୍ୱସ୍ତି ଲାଗିଲେ ହିଁ ମାଢ଼ି ପ୍ରତି ଧ୍ୟାନ ଦେବା ଆରମ୍ଭ କରନ୍ତି। ପାଟି ଶରୀରର ଅନ୍ୟାନ୍ୟ ଅଂଶକୁ ଯିବାର ପ୍ରବେଶ ପଥ, ଏବଂ ମାଢ଼ିରେ ପ୍ରଦାହ କିମ୍ବା ସଂକ୍ରମଣ ଅନ୍ୟ ଅଙ୍ଗରେ ପ୍ରଭାବ ପକାଇପାରେ। ଏହା ଜିଞ୍ଜିଭାଇଟିସ୍ ଓ ପିରିଓଡୋଣ୍ଟାଇଟିସ୍ ଭଳି ମାଢ଼ି ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଖରାପ ମାଢ଼ି ସ୍ୱାସ୍ଥ୍ୟ ହୃଦ୍ରୋଗ, ମଧୁମେହ, ଶ୍ୱାସକ୍ରିୟା ରୋଗ ଓ ଗର୍ଭାବସ୍ଥାରେ ଜଟିଳତା ଭଳି ରୋଗର ଆଶଙ୍କା ବଢ଼ାଇପାରେ। ମାଢ଼ି ରୋଗର ଉପସ୍ଥିତି ମଧୁମେହ ରୋଗୀଙ୍କ ପାଇଁ ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା କଷ୍ଟକର କରିପାରେ ବୋଲି କୁହାଯାଏ। ସେହିପରି ଅସ୍ୱାସ୍ଥ୍ୟକର ମାଢ଼ିରେ ବଢୁଥିବା ଜୀବାଣୁ ରକ୍ତପ୍ରବାହରେ ପ୍ରବେଶ କରି ହୃଦ୍ରୋଗ ସମସ୍ୟା ସୃଷ୍ଟି କରିପାରନ୍ତି। ଜିଞ୍ଜିଭାଇଟିସ୍ ଭାବରେ ଆରମ୍ଭ ହେଉଥିବା ରୋଗକୁ ଅଣଦେଖା କଲେ ତାହା ପିରିଓଡୋଣ୍ଟାଇଟିସ୍ରେ ପରିଣତ ହୋଇପାରେ, ଯାହା ଦାନ୍ତ କ୍ଷୟ, ହାଡ଼ ଓ ସଂଯୋଜକ ଟିସୁକୁ କ୍ଷତି ପହଞ୍ଚାଉଥିବା ଏକ ଦୀର୍ଘକାଳୀନ ରୋଗ।ଦାନ୍ତ ଘଷିବା କି କୁଳୁକୁଚା କରିବା ସମୟରେ ସାମାନ୍ୟ ରକ୍ତସ୍ରାବ, ଲାଲ ପଡ଼ିଥିବା କିମ୍ବା ଫୁଲିଯାଇଥିବା ମାଢ଼ି ଟିସୁ, କୋମଳତା ଏବଂ ଲଗାତାର ଦୁର୍ଗନ୍ଧ ମାଢ଼ି ରୋଗର ସଂକେତ। ସାହାଡ଼ା, ନିମ ଓ ଡାଳିମ୍ବ ଭଳି ପାରମ୍ପରିକ ଔଷଧି ମାଢ଼ି ଯତ୍ନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି।

# ଘରେ ପ୍ରସ୍ତୁତ କରନ୍ତୁ ଜେଲ୍ ଆଇଲାଇନର

ମାର୍କେଟରେ ମିଳୁଥିବା ଜେଲ୍ ଆଇଲାଇନର୍ ବ୍ୟବହାର କରିବା ବଦଳରେ ଘରେ ତିଆରି କରି ଆଇଲାଇନର୍ ଲଗାନ୍ତୁ। ଏହା ଆଖିର ଯତ୍ନ ଅଧିକ ନେଇଥାଏ। କେବଳ ଆପଣ ସାଦାସିଧା କଳା ରଙ୍ଗର ଜେଲ୍ ଆଇଲାଇନର୍ ନୁହେଁ ବରଂ ବିଭିନ୍ନ ରଙ୍ଗର ଆଇଲାଇନର୍ ଘରେ ସହଜରେ ତିଆରି କରିପାରିବେ। ଆଇଲାଇନର୍ ତିଆରି କରିବା ପାଇଁ କଳା କିମ୍ବା ଅନ୍ୟ କିଛି ରଙ୍ଗର ଆଇସ୍ୟାଡୋ, ଏକ ଛୋଟ ପାତ୍ର, ଆଇ ପ୍ରାଇମର୍ ଏବଂ ନଡ଼ିଆ ତେଲ ଆବଶ୍ୟକ। ଆଇଲାଇନର୍ ତିଆରି କରିବା ପାଇଁ କଳା ଆଇସ୍ୟାଡୋ ବ୍ୟବହାର କରାଯାଏ, କିନ୍ତୁ ଯଦି ଆପଣ କଲରଫୁଲ୍ ଆଇଲାଇନର୍ ତିଆରି କରିବାକୁ ଚାହୁଁଥାଆନ୍ତି ତେବେ ମନପସନ୍ଦର ଆଇସ୍ୟାଡୋ ବ୍ୟବହାର କରିପାରିବେ।

ହୋମ୍ ମେଡ୍ ଜେଲ୍ ଆଇଲାଇନର୍ ତିଆରି କରିବା ପାଇଁ ସବୁଠୁ ପ୍ରଥମେ କଳା ଆଇସ୍ୟାଡୋକୁ ଗୁଣ୍ଡ କରି ପାତ୍ରରେ ରଖନ୍ତୁ। ଏବେ ଏଥିରେ ସାମାନ୍ୟ ପ୍ରାଇମର୍ ମିଶାନ୍ତୁ, ସେପର୍ଯ୍ୟନ୍ତ ମିଶାନ୍ତୁ ଯେପର୍ଯ୍ୟନ୍ତ ଏହା ଏକାଠି ହୋଇନଯାଇଛି। ଏବେ ଏଥିରେ କିଛି ଟୋପା ନଡ଼ିଆ ତେଲ ମିଶାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆଇଲାଇନର୍।

ଘରେ ଏଭଳି ଅଲଗା ଅଲଗା ରଙ୍ଗର ଆଇଲାଇନର୍ ତିଆରି କରିପାରିବେ, ଯାହା ମାର୍କେଟ୍‌ରେ ସହଜରେ ମିଳିପାରିନଥାଏ। ଘରେ ତିଆରି ଏହି ଜେଲ୍ ଆଇଲାଇନର୍ ଭଲ ଲୁକ୍ ଦେବା ସହ ଆଖିର ସୁନ୍ଦରତା ବଢ଼ାଇଥାଏ। ଏଥିସହ ଅତି କମ୍‌ରେ ୭-୮ ଘଣ୍ଟା ପର୍ଯ୍ୟନ୍ତ ଆଖିରେ ରହିଥାଏ।

ଆଇଲାଇନର୍ ତିଆରି କରିବା ପାଇଁ ଲୁଜ୍ ଆଇସ୍ୟାଡୋ ପ୍ରୟୋଗ କରନ୍ତୁ। ଯଦି ଆପଣ ଆଇଲାଇନର୍‌କୁ ସିମରୀ ଇଫେକ୍ଟ ଦେବାକୁ ଚାହୁଁନାହାନ୍ତି ତେବେ ମ୍ୟାଟ୍ ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏଥିପାଇଁ କଲିୟର୍ ଆଇଲାଇନର୍ ବ୍ୟବହାର କରନ୍ତୁ, ଅର୍ଥାତ୍ ଯାହାର କୌଣସି ରଙ୍ଗ ନଥିବ। ନଚେତ୍ ତିଆରି କରିବା ପରେ ଆଇଲାଇନର୍‌ର ରଙ୍ଗ ଜଣାପଡ଼ିବ ନାହିଁ।



# କାମାଶ୍ରମର ନାମକରଣ



ଦଶରଥଙ୍କଠାରୁ ଅନୁମତି ପାଇଁ ଋଷି ବିଶ୍ୱାମିତ୍ରଙ୍କ ସହ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଯାତ୍ରା କଲେ । ଏହିପରି ଯାଉ ଯାଉ ପଥ ମଧ୍ୟରେ ଏକ ଆଶ୍ରମ ପଡ଼ିଲା । ସେହି ସମୟକୁ ସନ୍ଧ୍ୟା ଆଗତପ୍ରାୟ । କୁମାରଦ୍ୱୟ ପାଦରେ ଚାଲି ଚାଲି ପଥଶ୍ରାନ୍ତ ହୋଇଥିବେ ମନେ କରି ବିଶ୍ୱାମିତ୍ର ସେହି ଆଶ୍ରମ ମଧ୍ୟକୁ ପ୍ରବେଶ କଲେ ଏବଂ କୁମାରଦ୍ୱୟଙ୍କୁ ତାଙ୍କ ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ । ବିଶ୍ୱାମିତ୍ର ଯେଉଁ ଆଶ୍ରମରେ ବିଶ୍ରାମ ନେଲେ, ସେହି ଆଶ୍ରମର ଋଷି ଓ ଶିଷ୍ୟମାନେ ଆସି ବିଶ୍ୱାମିତ୍ରଙ୍କୁ ବହୁତ୍ ସମାଦନ ସହକାରେ ଗ୍ରହଣ କଲେ । ବିଶ୍ୱାମିତ୍ର ଅଯୋଧ୍ୟାର ରାଜକୁମାରଙ୍କ ପରିଚୟ ସେହି ଆଶ୍ରମବାସୀଙ୍କୁ ଜଣାଇଲେ । ଆଶ୍ରମବାସୀ ରାମ ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦ ଅନୁଭବ କଲେ । ବିଶ୍ୱାମିତ୍ର ଓ ରାଜକୁମାରଦ୍ୱୟଙ୍କୁ ସ୍ୱାଦିଷ୍ଟ ଫଳମୂଳ ଦ୍ୱାରା ସତ୍କାର କଲେ ଏବଂ ରାତ୍ରରେ ଶୟନ ପାଇଁ କୋମଳପତ୍ର ବିଛଣା ପ୍ରସ୍ତୁତ କରିଦେଲେ । ଶୟନ ସମୟରେ ରାମ ଲକ୍ଷ୍ମଣ ଗୁରୁଙ୍କ ପଦସେବା କରିବା ସମୟରେ ରାମ କହିଲେ, ଗୁରୁଦେବ! ଏହି ଆଶ୍ରମର ନାମ କ'ଣ ଦୟାକରି ଜଣାନ୍ତୁ । ବିଶ୍ୱାମିତ୍ର କହିଲେ, ବତ୍ସ !ଏହି ଆଶ୍ରମର ନାମ ହେଉଛି 'କାମାଶ୍ରମ' । ଏହି ସ୍ଥାନରେ ଭଗବାନ ଶଙ୍କର ତପସ୍ୟା କରୁଥିଲେ । ସ୍ୱର୍ଗରୁ ନରକାସୁର ଉତ୍ପାତ ଆରମ୍ଭ କରିଦେଲା । ଭଗବାନ ଶଙ୍କରଙ୍କର ଶକ୍ତି ନ ହେଲେ ସେହି ଦାନବର ମୃତ୍ୟୁ ହେବ ନାହିଁ । ତେଣୁ ଦେବରାଜ ଇନ୍ଦ୍ର ଭଗବାନ ଶଙ୍କର ତପଃ ଭଗ୍ନ ପାଇଁ କାମଦେବକୁ ସେହି ସ୍ଥାନକୁ ପଠାଇଥିଲେ । ସେଠାରେ କାମଦେବ ଫୁଲଶର ମାରି ପ୍ରଭୁଙ୍କ ତପ ଭଗ୍ନ କରିଥିଲେ । କାମଦେବ ଭସ୍ମ ହୋଇଯିବା ପରେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଦେବଗଣ ଦେବୀ ପାର୍ବତୀଙ୍କୁ ସହାୟତାରେ ମହଦେଙ୍କ ନିୟମନ୍ତ୍ରଣ କଲେ। ଏହାଦ୍ୱାରା କାର୍ତ୍ତିକେୟ ଜନ୍ମ ନେଲେ। କାର୍ତ୍ତିକେୟ ନରକାସୁରକୁ ସଂହାର କଲେ। କାମଦେବଙ୍କ ପତ୍ନୀ ରତି ଦେବୀ ବିଳାପ କଲେ ଓ ଶିବଙ୍କୁ ପୂଜା କଲେ । ଭଗବାନ ଶିବ ସନ୍ତୁଷ୍ଟ ହୋଇ ଏହି ଆଶ୍ରମ ତିଆରି କରିଦେଲେ । ରତି ସେହିଦିନରୁ ଏହି ଆଶ୍ରମରେ ଅଛନ୍ତି । ଏହି ଆଶ୍ରମର ନାମ ସେଥିଯୋଗୁଁ କାମଦେବଙ୍କ ନାମରେ କାମାଶ୍ରମ ହୋଇଛି । ବିଶ୍ୱାମିତ୍ର କହିଲେ ହେ ରାମ / ରାତ୍ରି ଗଭୀର ହେଲା । ଏବେ ବିଶ୍ରାମ ନିଅ, କାଲି ବହୁତ୍ ଦୂରପଥ ଯାତ୍ରା କରିବାକୁ ହେବ। ରାମଲକ୍ଷ୍ମଣ ଗୁରୁଙ୍କ ନିର୍ଦ୍ଦେଶନୁସାରେ ବିଶ୍ରାମ ନେଲେ ।

# ପଇଡ଼ ପାଣିର ଔଷଧୀୟ ଗୁଣ

ଆପଣ ପଇଡ଼ ପାଣି ପିଇବାର ଅଭ୍ୟାସ ରଖିଛନ୍ତି ତ? ଯଦି ରଖିନାହାନ୍ତି ତେବେ ତୁରନ୍ତ ଅଭ୍ୟାସ କରନ୍ତୁ। ସଂସାରରେ ଯେତେ ପ୍ରକାରର ପାନୀୟ ରହିଛି ସବୁଠାରୁ ଉତ୍ତମ ହେଉଛି



ପଇଡ଼ପାଣି। ଏହାକୁ ପିଇବା ଦ୍ୱାରା ପେଟ ରୋଗ ଜନୀତ ଅନେକ ସମସ୍ୟାର ସମାଧାନ କରାଯାଇପାରେ। ଗୋଟିଏ ପଇଡ଼ରେ ମାତ୍ର ୪ ପ୍ରତିଶତ ଫଳ ଓ ୯୪ ପ୍ରତିଶତ ଜଳ ଭାଗ ଥାଏ। ଏଥିରେ କାର୍ବସ, ଫାଇବର୍, ପ୍ରୋଟିନ୍, ଭିଟାମିନ୍, ମ୍ୟାଗ୍ନେସିୟମ୍, ମାଗାନିଜ୍, ପଟାସିୟମ, ସୋଡିୟମ୍ ଓ କ୍ୟାଲସିୟମ୍ ରହିଛି। ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ୍ ବି ରହିଛି। ପଇଡ଼ରେ ମଧୁମେହ ରୋଗ ସହ ଲଢ଼ିପାରିବାର ଶକ୍ତି ରହିଛି। ରୀତିମତ ପଇଡ଼ ପାଣି ପିଇଲେ ମଧୁମେହକୁ ଆୟତ୍ତରେ ରଖାଯାଇ ପାରେ। ଏହା ରକ୍ତରେ ଶର୍କରା ଭାଗକୁ ଆୟତ୍ତରେ ରଖେ। କେବଳ ମଧୁମେହ ନୁହେଁ, କିଡନିଜନୀତ ରୋଗ ପାଇଁ ମଧ୍ୟ ଏହା ଖୁବ୍ ଉପକାରୀ। ନିୟମିତ ପଇଡ଼ ପିଇଲେ କିଡନୀ ସୁସ୍ଥ ରହେ ବୋଲି ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ହୃଦ୍ରୋଗୀମାନଙ୍କ ପାଇଁ ମଧ୍ୟ ପଇଡ଼ ପାଣି ଖୁବ୍ ଉପକାରୀ। ପଇଡ଼ ପିଇଲେ ହୃଦ୍‌ରୋଗ ହେବାର ସମ୍ଭାବନା କମ୍ ରହିଥାଏ। ରକ୍ତଚାପ ପାଇଁ ମଧ୍ୟ ପଇଡ଼ ପାଣି ଅବ୍ୟର୍ଥ ଔଷଧ ଭାବେ କାର୍ଯ୍ୟ କରେ। ବିପି ରୋଗୀ ନିୟମିତ ପଇଡ଼ ପାଣି ପିଇଲେ ଭଲ। ପରିସ୍ରା ସଂକ୍ରମଣ, ପେଟ ଗରମ, କାଶ ଆଦି ଅନେକ ରୋଗକୁ ପଇଡ଼ ପାଣି ପିଇବା ଦ୍ୱାରା ଆୟତ୍ତ କରାଯାଇ ପାରେ। ତେବେ ଆପଣ ଏଭଳି ଉପକାରୀ ପାନୀୟକୁ ନିଶ୍ଚୟ ପିଅନ୍ତୁ।

# ସିପେଟ ଓ ସିଟିଟିସି ପରିଦର୍ଶନ କଲେ ରାଜ୍ୟପାଳ



ଭୁବନେଶ୍ୱର ୧୯।୬(ମହାଭାରତ):: ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁବାରଭୁବନେଶ୍ୱରସ୍ଥିତ ସେଂଟ୍ରାଲ ଇନଷ୍ଟିଚ୍ୟୁଟ ଅଫ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍ ) ଏବଂ ସେଂଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଂଟର (ସିଟିଟିସି) ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି।

ଗସ୍ତ ଅବସରରେ ରାଜ୍ୟପାଳ ଉଭୟ ଅନୁଷ୍ଠାନର ଅଧ୍ୟାପକ, ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରି ସେମାନଙ୍କୁ ନବସୃଜନ, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଅବଦାନ ରଖିବାକୁ ଉତ୍ସାହିତ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଆବଶ୍ୟକ। ଏଥିପାଇଁ ବିଭିନ୍ନ ଉତ୍ପାଦକୁ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ସୂଚନା ସେଥିରେ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ଆଗ୍ରହୀ ଉଦ୍ୟୋଗୀମାନେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉପଲବ୍ଧ ଆର୍ଥିକ ଓ ବୈଷୟିକ ସହାୟତା ସମ୍ପର୍କରେ ସଚେତନ ହୋଇପାରିବେ ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଉତ୍ସାହ ବୃଦ୍ଧି ପାଇବ।

ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବୈଦ୍ୟୁତିକ ଯାନ (ଇଭି) ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟାୟକ୍ରମେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଉପରେ ନିର୍ଭରଶୀଳତା କମାଇବାକୁ ଆହ୍ୱାନ ଜଣାଇଥିଲେ। ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ କ୍ୟାମ୍ପସ ପରିସରରେ ସୌର ପ୍ୟାନେଲ ସ୍ଥାପନ କରିବା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ।

ଜନକଲ୍ୟାଣମୂଳକ ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଏହା ଦ୍ୱାରା ସେମାନେ ଯୋଜନାଗୁଡ଼ିକର ସୁଫଳ ପାଇବା ସହ ରାଷ୍ଟ୍ର ଗଠନରେ ଅଧିକ ଫଳପ୍ରଦ ଭୂମିକା ନିର୍ବାହ କରିପାରିବେ। ସିଆଇପିଇଟିରେ ରାଜ୍ୟପାଳଙ୍କୁ ପ୍ରିନ୍ସିପାଲ ଡାଇରେକ୍ଟର ଏବଂ ହେଡ୍ ପ୍ରମୋଦ କୁମାର ସାହୁ ସ୍ୱାଗତ କରିଥିଲେ। ସଂସ୍ଥାର ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା କାର୍ଯ୍ୟକ୍ରମ ଓ ଶିଳ୍ପ କ୍ଷେତ୍ରକୁ ମିଳୁଥିବା ସହାୟତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ପରିଦର୍ଶନ କରି ଅଧ୍ୟାପକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଚାଲିଥିବା ଗବେଷଣା ଓ ପରୀକ୍ଷଣ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳ ଅବଗତ ହେବା ସହ ସମାଜର ଆବଶ୍ୟକତା ପୂରଣ କରୁଥିବା ଉତ୍ପାଦ ଓ ପ୍ରଯୁକ୍ତିର ବିକାଶ ପାଇଁ ସଂସ୍ଥାର ପ୍ରୟାସକୁ ପ୍ରଶଂସା କରିଥିଲେ। ସିଟିଟିସିରେ ରାଜ୍ୟପାଳଙ୍କୁ ଇନ୍-ଚାର୍ଜ ଜେନେରାଲ ମ୍ୟାନେଜର ଡ. କେ. ଏମ. ରାଜନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ପ୍ରଶିକ୍ଷଣ, ଉତ୍ପାଦନ, ପରାମର୍ଶ ଏବଂ ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ଅନୁଷ୍ଠାନର କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ଓ ୱର୍କସପ ପରିଦର୍ଶନ କରି ଦକ୍ଷତା ବିକାଶ ଏବଂ ଆଞ୍ଚଳିକ ଶିଳ୍ପ ବିକାଶ କ୍ଷେତ୍ରରେ ସିଟିଟିସିର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଥିଲେ।

## ପାଠ୍ୟପୁସ୍ତକରେ ଭୁଲ ବାହାରିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ନବୀନ

ଭୁବନେଶ୍ୱର,୧୯।୬(ମହାଭାରତ):: ପ୍ରଥମରୁ ଅଷ୍ଟମ ଶ୍ରେଣୀ ଓଡ଼ିଆ ପାଠ୍ୟପୁସ୍ତକରେ ଭୁଲ ବାହାରିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।



ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ ନବୀନ ଲେଖିଛନ୍ତି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଓଡ଼ିଆ ପାଠ୍ୟପୁସ୍ତକରେ ଶହଶହ ଭୁଲ ବାହାରିବା ବିଜେପି ସରକାରର ଅତ୍ୟନ୍ତ ଦାୟିତ୍ୱହୀନ ତଥା ଖାମଖିଆଲି ମନୋଭାବକୁ ଦର୍ଶାଉଛି।ପିଲାମାନଙ୍କୁ ଏ ସରକାର ଠିକ ସମୟରେ ପାଠ୍ୟପୁସ୍ତକ ଯୋଗାଇ ପାରୁନଥିବା ବେଳେ, ମିଳିଥିବା ପାଠ୍ୟପୁସ୍ତକରେ ବି ଅନେକ ଭୁଲ ବାହାରିବା ପିଲାଙ୍କ ପାଠପଢ଼ା ଆଶାକୁ ଭାଙ୍ଗି ଦେଇଛି। ଶିକ୍ଷା ହେଉଛି ଜୀବନର ମେରୁଦଣ୍ଡ, ଶିକ୍ଷା ଫିଟାଇଥାଏ ସମୃଦ୍ଧିର ବାଟ। ହେଲେ ବିଜେପି ସରକାରରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବିଜେପି ସରକାର ପିଲାଙ୍କ ଭବିଷ୍ୟତ ଏମିତି ଗଢ଼ିବାକୁ ଚାହୁଁଛି ? ମହାପୁରୁଷଙ୍କ ନାମକୁ କଦର୍ଥ କରିବା, ଗଞ୍ଜାମ ବଦଳରେ ବ୍ରହ୍ମପୁରକୁ ଜିଲ୍ଲା ଭାବେ ଅଭିହିତ କରିବା, ଭୁଲ ବନାନ ଲେଖାଯିବା ଛୋଟିଆ କଥା ନୁହେଁ। 'ଓଡ଼ିଆ ଅସ୍ମିତା'ର ନାରା ଦେଇ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି। ଶୈଶବରୁ ପିଲାମାନଙ୍କ ଶିକ୍ଷା ସହ ବିଜେପି ସରକାର କରୁଥିବା ସାଲିସ୍ କଦାପି କ୍ଷମଣୀୟ ନୁହେଁ। ତୁରନ୍ତ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସହ ପିଲାମାନଙ୍କ ଉତମ ଶିକ୍ଷା ସୁନିଶ୍ଚିତ କରାଯାଉ।

## ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରାଓ କଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୯।୬(ମହାଭାରତ):: ଛାତ୍ର କଂଗ୍ରେସ ପକ୍ଷରୁ ବରିଷ୍ଠ ଛାତ୍ର କଂଗ୍ରେସ ନେତା ବିଭୁତି ଭୂଷଣ ମହାପାତ୍ର ଓ ସ୍ପନ୍ଦନ ସ୍ୱାଇଁ ଙ୍କ ନେତୃତ୍ୱରେ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସରକାରୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା ।

ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପ୍ରତି ସରକାର ବିଶ୍ୱାସଘାତକତା କରିଛନ୍ତି । ଏହି ପାଠ୍ୟପୁସ୍ତକ ମାନଙ୍କରେ କିଭଳି ୧୬୦୦ ରୁ ଉର୍ଦ୍ଧ୍ୱ ତ୍ରୁଟି ରହିଲା ଏବଂ ଏହି ଦାୟିତ୍ୱରେ ଥିବା କର୍ତୃପକ୍ଷ କିଭଳି ଏତେ ସାଂଘାତିକ ତ୍ରୁଟି କଲେ ତାହା ଦୁର୍ଭାଗ୍ୟଜନକ । ଓଡ଼ିଶା ସରକାରଙ୍କର ମୌଳିକ ଶିକ୍ଷାରେ ଥିବା ପାଠ ସଂପର୍କରେ ଜ୍ଞାନ ନଥିବା ଦର୍ଶାଇ ଏହି ବିକ୍ଷୋଭରେ ଛବିଳମଧୁ ବର୍ଣ୍ଣବୋଧ ବହି ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶାର ଗଣଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଓଡ଼ିଶାର ଲକ୍ଷ ଲକ୍ଷ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ବ୍ୟଥିତ କରିଛି । ଏହି ତ୍ରୁଟି ପାଇଁ ମୁଖ୍ୟମନ୍ତ୍ରୀ ହାତଯୋଡ଼ି ଓଡ଼ିଶାବାସୀଙ୍କୁ ଭୁଲ ମାଗିବାକୁ ଶ୍ରୀ ମହାପାତ୍ର କହିଛନ୍ତି । ତୁରନ୍ତ ଗଣଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର କରାଯିବା ସହ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ପୁନଃ ମୁଦ୍ରଣ କରି ଛାତ୍ରଛାତ୍ରୀଙ୍କୁ ନିର୍ଭୁଲ ପୁସ୍ତକ ଯୋଗାଇ ଦିଆଯାଉ ।

ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଓଡ଼ିଆ ଅସ୍ମିତାର ଆହ୍ୱାନ ଦେଉଥିବା ମୋହନ ସରକାର ଏହି ତ୍ରୁଟି ପାଇଁ ସାଧାରଣ ଜନତାଙ୍କ ନିକଟରେ ଜବାବ ରଖନ୍ତୁ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ଏକ ଅକ୍ଷମଣୀୟ ଅପରାଧ । ସମଗ୍ର ଗଣଶିକ୍ଷା ବିଭାଗ ଏହି ତ୍ରୁଟି ପାଇଁ ସମଗ୍ର ଗଣଶିକ୍ଷା ବିଭାଗ କିପରି ଚାଲିଛି ତାହା ଏହି ତ୍ରୁଟିରୁ ଉପଲବ୍ଧ ହେଉଛି । ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଏଭଳି ଦୟନୀୟ ପରିସ୍ଥିତିକୁ ଠେଲି ଦିଆଯାଉଛି । ଏଭଳି ଅଜ୍ଞ ବ୍ୟବସ୍ଥାକୁ ନେଇ ଓଡ଼ିଶାର ଗଣଶିକ୍ଷା ବିଭାଗ କିଭଳି ଆଗେଇବ ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ସୁଦିପ ସାମଲ, ମହମ୍ମଦ ଗୁଲଫାମ, ସୁନିଲ ସାହୁ ଗାନ୍ଧୀ, ସୁଶ୍ରୀ ବେହେରା, ବିଶ୍ୱଭୂଷଣ ମହାପାତ୍ର, ହରିଶଙ୍କର ରାଉତ, ପ୍ରିୟବ୍ରତ ସାମନ୍ତ ରାୟ, ଆର୍ଯ୍ୟାନ ସାସମଲ, ଚିତ୍ତରଞ୍ଜାନ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ବହିରେ ଥିବା ତ୍ରୁଟି ଗ୍ରହଣୀୟ ନୁହେଁ : ଏବିଭିପି

ଭୁବନେଶ୍ୱର, ୧୯।୬(ମହାଭାରତ): - ଜାତୀୟ ଶିକ୍ଷା ନୀତି ୨୦୨୦ ର ଆଧାର ରେ ନୂତନ ପାଠ୍ୟକ୍ରମ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପରିବର୍ତନ ହୋଇଛି। ୨୦୨୬-୨୭ ଶିକ୍ଷାବର୍ଷରୁ ଲାଗୁ ହେବାକୁ ଥିବା ଏହି ପୁସ୍ତକରେ ବହୁ ପ୍ରକାରର ତ୍ରୁଟି ରହିଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଓ ଗବେଷଣା ପରିଷଦ ( ଏସ୍.ସି.ଇ.ଆରଟି) ର ଦାୟିତ୍ୱରେ ବହୁ ଅଭିଜ୍ଞ ଶିକ୍ଷକ,ଶିକ୍ଷୟତ୍ରୀ ଏହି ବହି ସବୁ ପ୍ରସ୍ତୁତ କରିଥିଲେ ମଧ୍ୟ ଏଭଳି ଭୁଲ ରହିବା ଗ୍ରହଣୀୟ ନୁହେଁ। ଏହା ଦାୟିତ୍ୱରେ ଥିବା ଅଧିକାରୀ ଓ ଶିକ୍ଷକ ମାନଙ୍କୁ ଦଣ୍ଡ ବିଧାନକରାଯାଉ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଦାବି କରିଛି।

ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଏବିଭିପି ପକ୍ଷରୁ କୁହାଯାଇଛି ଯେ ପରିବର୍ତିତ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବା ତ୍ରୁଟି ଥିବା ଏହି ପାଠ୍ୟପୁସ୍ତକ ବହୁଳ ଭାବେ ଛପା ପରେ ଏହାକୁ ସମୀକ୍ଷା କରି ଏଥିରେ ଥିବା ଭୁଲ ଗୁଡ଼ିକ ସଂଶୋଧନ ହୋଇନାହିଁ। ସଂଶୋଧନ ନହୋଇ ବିତରଣ ମଧ୍ୟ କରାଯାଇଛି । ୨୦୨୬ -୨୭ ଶିକ୍ଷାବର୍ଷ ରେ ଏହି ପାଠ୍ୟପୁସ୍ତକକୁ କିପରି ସଠିକ୍ ତଥ୍ୟ ସହିତ ଉପସ୍ଥାପନ କରାଯାଇପାରିବ ସେଥି ପ୍ରତି ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପଦକ୍ଷେପ ନେବା ଦରକାର ବୋଲି ଏବିଭିପି ଦାବି କରିଛି। ଏଥି ସହିତ ଚଳିତ ଶିକ୍ଷା ବର୍ଷରୁ ତ୍ରୁଟିବିହୀନ ପାଠ୍ୟପୁସ୍ତକ ପୁନର୍ବାର ପ୍ରକାଶ କରି ଏହାର ବିତରଣ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏବିଭିପି କହିଛି।

## ରାଜ୍ୟରେ ପାଣିରେ ବୁଡ଼ି ମୃତ୍ୟୁ ରୋକିବା ପାଇଁ ବ୍ୟାପକ ପଦକ୍ଷେପ

ଭୁବନେଶ୍ୱର,୧୯।୬(ମହାଭାରତ):: ରାଜ୍ୟରେବିଭିନ୍ନ ନଦୀ, କେନାଲ, ଜଳାଶୟ ଏବଂ ସମୁଦ୍ର ଆଦିରେ ପାଣିରେ ବୁଡ଼ି ମୃତ୍ୟୁ ଘଟୁଥିବା ଭଳି ଦୁର୍ଘଟଣା ଏକ ଗଭୀର ଚିନ୍ତାଜନକ ବିଷୟ । ପ୍ରତିବର୍ଷ ଏଥି ଯୋଗୁଁ ଶହ ଶହ ସଂଖ୍ୟାରେ ଜୀବନହାନି ଘଟୁଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ପାଂଚ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ୯,୦୦୦ ଜଣ ପାଣିରେ ବୁଡ଼ିଯିବା ହେତୁ ପ୍ରାଣ ହରାଇଛନ୍ତି, ଯାହା ମଧ୍ୟରେ ଅଧିକାଂଶ ଶିଶୁ ଓ ଯୁବବର୍ଗ ରହିଛନ୍ତି ।ଅସାବଧାନତା ହେତୁ ତଥା ବିଭିନ୍ନ କାରଣରୁ ପୋଖରୀ, ଖୋଲା କୂଅ, ବିପଦପୂର୍ଣ୍ଣ ଜଳାଶୟ,ନଦୀଘାଟ, ସମୁଦ୍ର, ଜଳପ୍ରପାତ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଏପରି ଜଳବୁଡ଼ି ଘଟଣା ଦେଖାଦେଉଛି ।

ଏହି ପରିପ୍ରେକ୍ଷୀରେ ପାଣିରେ ବୁଡ଼ି ମୃତ୍ୟୁକୁ ରୋକିବା ପାଇଁ ପ୍ରତିକାରାତ୍ମକ ବ୍ୟବସ୍ଥା ଏବଂ ଜନସଚେତନତା ସୃଷ୍ଟି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଏକ ସମୀକ୍ଷା ବୈଠକ ଗୁରୁବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ଅଗ୍ନିଶମ ସେବାମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ରିଲିଫ୍ କମିଶନର ପଦ୍ମନାଭ ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ରହି ପାଣିରେ ବୁଡ଼ି ମୃତ୍ୟୁର କାରଣ ଓ ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ଆଲୋଚନା କରିଥିଲେ। ଅଗ୍ନିଶମ ସେବା ଓ ଗୃହରକ୍ଷୀ ବାହିନୀର ମହାନିର୍ଦ୍ଦେଶକ ଡଃ. ଷଡ଼ଙ୍ଗୀ ଏହି ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ପାଣିରେ ବୁଡ଼ି ମୃତ୍ୟୁ ପ୍ରତିବର୍ଷ ବହୁ ଜୀବନ ହାନି ଘଟୁଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଚିନ୍ତା ଓ ଦୁଃଖ ପ୍ରକାଶ କରି ଏହାର ପ୍ରତିକାରାତ୍ମକ ସୁଦୃଢ ପଦକ୍ଷେପ ନେବାକୁ ରାମଚଣ୍ଡୀ ନିକଟସ୍ଥ'ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନଶିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ (ଓସ୍ୱାଲି) ଠାରେ ପରାମର୍ଶ ଦେଇଥିବା ସେ ପ୍ରକାଶ କରିଥିଲେ । ସରକାରୀ ବିଭାଗ, ସ୍ଥାନୀୟ ପ୍ରଶାସନ, ବିଭିନ୍ନ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗ ଦ୍ୱାରା ପ୍ରତିକାରାତ୍ମକ ବ୍ୟବସ୍ଥା ଫଳରେ



ଜଳରେ ବୁଡ଼ି ମୃତ୍ୟୁ ଦୁର୍ଘଟଣାରୁ ପ୍ରତିଟି ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ ବୋଲି ସେ ମତ ପୋଷଣ କରିଥିଲେ।

ଆଗାମୀ ଦିନରେ ଏହି ଦୁର୍ଘଟଣା ଯେପରି ବହୁ ସଂଖ୍ୟାରେ ହ୍ରାସ ପାଇବ, ସେଥିପାଇଁ ଭୌଗୋଳିକ ସ୍ଥିତି ଏବଂ ଜଳାଶୟର ପ୍ରକୃତିକୁ ଆଧାରରେ ତଥ୍ୟ ବିଶ୍ଳେଷଣ କରାଯାଇ ବିପଦପୂର୍ଣ୍ଣ ସ୍ଥାନ ବା 'ବୁଡ଼ି ପ୍ରବଣ ବ୍ଲାକ୍ ସ୍ପଟ୍' ଗୁଡ଼ିକୁ ଚିହ୍ନଟ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ପ୍ରତ୍ୟେକ ଗ୍ରାମ ପଂଚାୟତ ସ୍ତରରେ ଅତିକମରେ ୧ ରୁ ୨ ଜଣଙ୍କୁ ସ୍ଥାନୀୟ ଜୀବନରକ୍ଷକ (ଲାଇଫଗାର୍ଡ) ରୂପେ ପ୍ରଶିକ୍ଷଣ ଦିଆଯିବାକୁ ପ୍ରସ୍ତାବ ଦିଆଯାଇଛି। ଉପରୋକ୍ତ ସମସ୍ତ ବିପଦପୂର୍ଣ୍ଣ ସ୍ଥାନ ମାନଙ୍କରେ ସତର୍କ ସଂକେତ, ସୁରକ୍ଷା ରେଲିଂ, ବେରିକେଡ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରାଯିବ ।ସମୁଦ୍ରରେ ସ୍ନାନ ସମୟରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଁ ସୁରକ୍ଷିତ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଭାସମାନ ବୁଏ, ଦଉଡ଼ି ଆଦି ସାଙ୍କେତିକ ସତର୍କ ବ୍ୟବସ୍ଥା ସହ ଅନ୍ୟ ରାଜ୍ୟ ଓ ଦେଶରେ ପ୍ରଚଳିତ ଉତମ ସୁରକ୍ଷା ବ୍ୟବସ୍ଥାଗୁଡ଼ିକର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯିବ। ଖୋଲା କୂଅରେ ଆବରଣଯୁକ୍ତ ତାରଜାଲି ବ୍ୟବସ୍ଥା, ପର୍ଯ୍ୟଟନ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ବିଭିନ୍ନ ବିପଦସଂକୁଳ ସ୍ଥଳୀ ମାନଙ୍କରେ ଲାଇଫ୍ ଗାର୍ଡ ମୁତୟନ କରାଯିବାକୁ ଆଲୋଚନା କରାଯାଇଛି ।ବିଶେଷ କରି ସମ୍ବେଦନଶୀଳ ଓ ଅଧିକ ଭିଡ଼ ହେଉଥିବା ଜଳାଶୟ ନିକଟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଗୃହରକ୍ଷୀ ଓ ଲାଇଫଗାର୍ଡମାନଙ୍କୁ ସଜାଗ ରଖାଯିବ।

ଏହା ବ୍ୟତୀତ ପହଁରିବା (ସୁଇମିଂ)କୁ ଏକ ଜୀବନ ରକ୍ଷାକାରୀ କୌଶଳ ଭାବେ ଗ୍ରହଣ କରି ଗ୍ରାମାଂଚଳ ଓ ସହରାଂଚଳରେଛାତ୍ରଛାତ୍ରୀ ଓ ଯୁଗବର୍ଗଙ୍କ ମଧ୍ୟରେ ବ୍ୟାପକ ଭାବେ ପହଁରା ପ୍ରଶିକ୍ଷଣ ଶିବିର ଏବଂ ପ୍ରତିଯୋଗିତାମାନ ଆୟୋଜନ କରାଯିବାକୁ ପଦକ୍ଷେପ ନିଆଯିବ। ଏନ୍.ସି.ସି.,ସିଭିଲ୍ ଡିଫେନ୍ସ ଏବଂ ସ୍ଥାନୀୟ ଯୁବ ସଂଗଠନଗୁଡ଼ିକୁ ଜଳରୁ ଉଦ୍ଧାର କାର୍ଯ୍ୟ ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯିବ ।ଏହି ଅଭିଯାନକୁ ସଫଳ କରିବା ପାଇଁ ଅଗ୍ନିଶମ ସେବା, ପୁଲିସ, ରାଜ୍ୟ ଅପରାଧ ଅଭିଲେଖ ବ୍ୟୁରୋ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ,ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ, ଜଳସମ୍ପଦ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁମିଳିତ ଭାବେ ଏକ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରାଯିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇଆଇଟି ଭୁବନେଶ୍ୱର ଏବଂ ସିଏସଆଇଆର-ସିବିଆରଆଇ ମଧ୍ୟରେ ବୁଝାମଣାପତ୍ର

ଭୁବନେଶ୍ୱର , ୧୯।୬(ମହାଭାରତ):: ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏବଂ ସିଏସଆଇଆର-କେନ୍ଦ୍ରୀୟ ନିର୍ମାଣ ଗବେଷଣା ପ୍ରତିଷ୍ଠାନ (ସିଏସଆଇଆର-ସିବିଆରଆଇ), ରୁର୍କି ମଧ୍ୟରେ ନିର୍ମାଣ ବିଜ୍ଞାନ, ସିଭିଲ୍ ଇଞ୍ଜିନିୟରିଂ, ସ୍ଥାୟୀ ଭିତ୍ତିଭୂମି ଏବଂ ସମ୍ପର୍କିତ ବିଷୟଗୁଡ଼ିକରେ ସହଯୋଗାତ୍ମକ ଗବେଷଣା, ଶୈକ୍ଷିକ ବିନିମୟ ଓ ନବସୃଜନକୁ ପ୍ରୋତ୍ସାହନ ଦେବା ପାଇଁ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ସିଏସଆଇଆର-ସିବିଆରଆଇର ନିର୍ଦ୍ଦେଶକ ପ୍ରଫେସର ଆର୍. ପ୍ରଦୀପ କୁମାରଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ପ୍ରଫେସର ଭି. ପାଣ୍ଡୁ ରଙ୍ଗା, ଡିନ୍-ଇନ୍-ଚାର୍ଜ (ପ୍ରାୟୋଜିତ ଗବେଷଣା ଏବଂ ଔଦ୍ୟୋଗିକ ପରାମର୍ଶ); ପ୍ରଫେସର ସୁମନ୍ତ ହାଲଦାର, ମୁଖ୍ୟ, ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକ୍ଚର; ଡ଼. ଡି. ପି. କାନୁନଗୋ, ମୁଖ୍ୟ, ଜିଓଟେକ୍ନିକାଲ୍ ଇଞ୍ଜିନିୟରିଂ ଏବଂ ଜିଓହାଜାର୍ଡସ୍ ଗ୍ରୁପ୍, ସିଏସଆଇଆର-ସିବିଆରଆଇ, ରୁର୍କି; ଡ଼. ଏସ୍. କେ. ପାଣିଗ୍ରାହୀ, ମୁଖ୍ୟ, ପ୍ରଯୁକ୍ତି ଓ ବ୍ୟବସାୟ ବିକାଶ ଗ୍ରୁପ୍, ସିଏସଆଇଆର-ସିବିଆରଆଇ, ରୁର୍କି; ଏବଂ ଡ଼. କିଶୋର କୁଲକର୍ଣ୍ଣୀ, ବୈଜ୍ଞାନିକ 'ଇ', ସିଏସଆଇଆର-ସିବିଆରଆଇ, ରୁର୍କି ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସହଭାଗିତାର ଲକ୍ଷ୍ୟ ହେଉଛି ଉଭୟ ସଂସ୍ଥାର ଦକ୍ଷତା ଓ ସମ୍ପଦକୁ ଉପଯୋଗ କରି ଷ୍ଟ୍ରକ୍ଚରାଲ୍ ଇଞ୍ଜିନିୟରିଂ, ଜିଓଟେକ୍ନିକାଲ୍ ଇଞ୍ଜିନିୟରିଂ, ଇଞ୍ଜିନିୟରିଂ ଭୂବିଜ୍ଞାନ, ସ୍ଥାପତ୍ୟ ଏବଂ ଯୋଜନା, ପରିବେଶ ଇଞ୍ଜିନିୟରିଂ, ବିପର୍ଯ୍ୟୟ ପ୍ରଶମନ ଏବଂ ସ୍ଥାୟୀ ନିର୍ମାଣ ପ୍ରଯୁକ୍ତି ଭଳି କ୍ଷେତ୍ରରେ ଗବେଷଣାକୁ ଅଗ୍ରସର କରିବା ଓ ଦକ୍ଷ ମାନବ ସମ୍ପଦ ଗଠନ କରିବା।

ଏହି ଏମଓୟୁ ଅନୁଯାୟୀ, ଆଇଆଇଟି ଭୁବନେଶ୍ୱର ଏବଂ ସିଏସଆଇଆର-ସିବିଆରଆଇ ମିଳିତ ଗବେଷଣା କାର୍ଯ୍ୟକଳାପ ଗ୍ରହଣ କରିବେ, ସମ୍ମିଳନୀ ଓ ସେମିନାର ଆୟୋଜନ କରିବେ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଇଣ୍ଟର୍ନଶିପ୍ ସୁବିଧା ପ୍ରଦାନ କରିବେ, ଏବଂ ଛାତ୍ର ପ୍ରକଳ୍ପ ଓ ଗବେଷଣା କାର୍ଯ୍ୟର ମିଳିତ ମାର୍ଗଦର୍ଶନକୁ ପ୍ରୋତ୍ସାହନ ଦେବେ। ଏହି ଚୁକ୍ତି ମାଧ୍ୟମରେ ଗବେଷଣା ସୁବିଧା, ପରୀକ୍ଷାଗାର ଭିତ୍ତିଭୂମି, ସଫ୍ଟୱେର ସମ୍ପଦ ଏବଂ ପୁସ୍ତକାଳୟ ସେବାର ଆଦାନ-ପ୍ରଦାନ ମଧ୍ୟ ସମ୍ଭବ ହେବ, ଯାହା ଶୈକ୍ଷିକ ଏବଂ ଗବେଷଣାମୂଳକ ସହଭାଗିତାକୁ ସୁଦୃଢ଼ କରିବ ।ଏହି ଅବସରରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର କହିଥିଲେ ଯେ, ଏହି ସହଯୋଗ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକମାନଙ୍କ ପାଇଁ ଜାତୀୟ ଗୁରୁତ୍ୱର ଚ୍ୟାଲେଞ୍ଜଗୁଡ଼ିକ ଉପରେ କାମ କରିବାର ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ଦୃଢ଼ ଓ ସ୍ଥାୟୀ ଭିତ୍ତିଭୂମି ଗଠନରେ ଅବଦାନ ରଖିବ ।ସିଏସଆଇଆର-ସିବିଆରଆଇର ନିର୍ଦ୍ଦେଶକ ପ୍ରଫେସର ଆର୍. ପ୍ରଦୀପ କୁମାର କହିଥିଲେ ଯେ, ଏହି ସହଭାଗିତା ଉଭୟ ସଂସ୍ଥାର ଶକ୍ତିକୁ ଏକତ୍ର କରି ନିର୍ମାଣ ବିଜ୍ଞାନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉଚ୍ଚମାନର ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବ। ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ (ସିଏସଆଇଆର) ଅଧୀନରେ ଥିବା ଏକ ପ୍ରମୁଖ ଜାତୀୟ ପରୀକ୍ଷାଗାର ଭାବେ ସିଏସଆଇଆର-ସିବିଆରଆଇ ନିର୍ମାଣ ସାମଗ୍ରୀ, ଆବାସନ, ଷ୍ଟ୍ରକ୍ଚରାଲ୍ ଇଞ୍ଜିନିୟରିଂ, ଶକ୍ତି-ଦକ୍ଷ ଭବନ, ଅଗ୍ନି ନିରାପତ୍ତା ଏବଂ ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି। ଜାତୀୟ ଗୁରୁତ୍ୱର ଏକ ଅନୁଷ୍ଠାନ ଭାବେ ଆଇଆଇଟି ଭୁବନେଶ୍ୱର ଶିକ୍ଷା, ଗବେଷଣା ଏବଂ ପ୍ରଯୁକ୍ତିଗତ ନବସୃଜନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ସ୍ୱୀକୃତ। ଏହି ଏମଓୟୁ ପ୍ରାରମ୍ଭିକ ଭାବରେ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ ରହିବ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଗବେଷଣା, ନବସୃଜନ ଏବଂ କ୍ଷମତା ବିକାଶ ପାଇଁ ଦୀର୍ଘମିଆଦୀ ସହଯୋଗର ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି।

## ଶିକ୍ଷକ ନିଯୁକ୍ତିକୁ ନେଇ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ କଥାରେ ତାଳମେଳ ରହୁନାହିଁ: ବିଜେଡି

ଭୁବନେଶ୍ୱର ,୧୯।୬(ମହାଭାରତ): ଗତ ୨ ବର୍ଷରେ ୩୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ନେଇ ବିଜେପିର ଦାବି ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ବିବୃତିରେ କହିଛନ୍ତି ଯେ, ବିଜେପି ସରକାର ଗତ ଦୁଇ ବର୍ଷରେ ୩୬,୦୦୦ ଶିକ୍ଷକ ନିଯୁକ୍ତି ଦେଇଛନ୍ତି ଏବଂ ଚଳିତ ବର୍ଷ ଆଉ ୧୮,୦୦୦ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ଆଇନ ମନ୍ତ୍ରୀ ଦେଇଥିବା ବିବୃତି ସମ୍ପୂର୍ଣ୍ଣ ମିଥ୍ୟା, କେବଳ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ସେ ଶିକ୍ଷକ ନିଯୁକ୍ତି ନେଇ ଦାବି ଉପସ୍ଥାପନା କରୁଛନ୍ତି । ବିଧାନସଭାରେ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ସରକାର ରାଜ୍ୟରେ ମୋଟ ବିଭିନ୍ନ ବିଭାଗରେ ୩୯,୫୦୫ କର୍ମଚାରୀ ନିଯୁକ୍ତି କରିଛନ୍ତି । ତେବେ ସରକାର କେମିତି ୩୬ ହଜାର ଶିକ୍ଷକ ନିଯୁକ୍ତି ନେଇ ଆଇନ ମନ୍ତ୍ରୀ ଦାବି କରୁଛନ୍ତି ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଥିଲେ ।

ପୂର୍ବ ବିଜେଡି ସରକାର ସମୟରେ ୧୦.୦୯.୨୦୨୩ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ୧୬,୦୦୯ ଜଣ ଶିକ୍ଷକ ନିଯୁକ୍ତି ନେଇ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିଲା ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଥିଲେ । କିନ୍ତୁ ବିଜେପି କ୍ଷମତାକୁ ଆସିଲା ପରେ କେବଳ ନିଯୁକ୍ତି ପତ୍ର ବାଣ୍ଟି ସରକାର ଏହା ନିଜର ସଫଳତା ବୋଲି ଦାବି କରୁଛନ୍ତି । ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟକୁ ଆଇନ ମନ୍ତ୍ରୀ ଗ୍ରହଣ ନ କରି ନିଜକୁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଉର୍ଦ୍ଧ୍ୱରେ ରହିଥିବା ଦର୍ଶାଇ ତାଙ୍କ ଉତ୍ତରକୁ କାଉଣ୍ଟର କରୁନାହାନ୍ତି ତ ? ୨୦୨୪ ସାଧାରଣ ନିର୍ବାଚନରେ ୧.୫ ଲକ୍ଷ ଖାଲି ଥିବା ସରକାରୀ ପଦବୀ ପୂରଣ ନେଇ ବିଜେପି ପ୍ରତିଶ୍ରୁତି ଦେଇଥିଲା । କ୍ଷମତାକୁ ଆସିବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ବିଜେପିର ପ୍ରତିଶ୍ରୁତି ପାଣିର ଗାର ହୋଇଛି । ସ୍ୱଚ୍ଛତା ଓ ନ୍ୟାୟସଙ୍ଗତ ଭାବେ ନିଯୁକ୍ତି ଦେବାକୁ ଦାବି କରୁଥିବା ବିଜେପି ସରକାରରେ ଗତ ୨ ବର୍ଷରେ ୨୩ଟି ପରୀକ୍ଷାରେ ବିଭ୍ରାଟ ଘଟି ପରୀକ୍ଷା ବାତିଲ ହୋଇଛି, ଯାହା ଓଡ଼ିଶାର ଶିକ୍ଷିତ ବେକାରୀ ଯୁବକ ଓ ଯୁବତୀ ମାନଙ୍କ ବିଶ୍ୱାସ ପ୍ରତି କୁଠାରଘାତ କରିଛି । ସରକାର ମେଧାବୀ ଯୁବକ ଯୁବତୀ ମାନଙ୍କ ପାଇଁ ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଖାଲିଥିବା ସରକାରୀ ପଦବୀ ତୁରନ୍ତ ପୂରଣ କରନ୍ତୁ । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ବିଜେପି ଓଡ଼ିଶାର ଭବିଷ୍ୟତକୁ ନଷ୍ଟ କରିବା ପାଇଁ ସୁଚିନ୍ତିତ ଯୋଜନାରେ ସଫଳ ହୋଇଛି । ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପାଠ୍ୟପୁସ୍ତକରେ ୧୭୬୦ଟି ଭୁଲ୍ ଥିବା ପୁସ୍ତକ ବଣ୍ଟନ କରାଯାଇଛି ।

## ଆଧାତ୍ମିକତା ଓ ଲୋକ ସଂସ୍କୃତିର ବିରଳ ସମାହାର 'ଶୀତଳ ଷଷ୍ଠୀ': ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର/ସମ୍ବଲପୁର, ୧୯।୬(ମହାଭାରତ): ଓଡ଼ିଶାର ଗୌରବମୟ ସାଂସ୍କୃତିକ ତଥା ଆଧାତ୍ମିକ ପର୍ବ 'ପବିତ୍ର ଶୀତଳ ଷଷ୍ଠୀ' ଅବସରରେ ସମଗ୍ର ଓଡ଼ିଶାବାସୀ, ବିଶେଷ କରି ସମ୍ବଲପୁରର ଗୁରୁଜନ, ମା', ଭଉଣୀ ଓ ଭାଇମାନଙ୍କୁ ଏକ ଭିଡିଓ ବାର୍ତ୍ତା ଯୋଗେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଆମ ଓଡ଼ିଆ ଜାତିର ସଂସ୍କୃତି ହେଉଛି ଭାବ ଏବଂ ଭକ୍ତିର ସଂସ୍କୃତି । ଏଠାରେ ପ୍ରତିଟି ପରମ୍ପରା ପଛରେ ସମାଜ ମଙ୍ଗଳର ଏକ ମହାନ୍ ବାର୍ତ୍ତା ଲୁଚି ରହିଥାଏ । ଯେତେବେଳେ ପ୍ରଚଣ୍ଡ ଖରାରେ ଧରିତ୍ରୀ ଆକୁଳ ହୋଇଉଠେ, ସେତେବେଳେ ସଂସାରକୁ ସୁଖ ଓ ଶୀତଳତା ପ୍ରଦାନ କରିବାକୁ ପ୍ରଭୁ ଶିବ ନିଜେ ଆଗେଇ ଆସନ୍ତି । ସେପରି ଏକ ଅନନ୍ୟ ଆଧାତ୍ମିକ ଓ ସାମାଜିକ ପରମ୍ପରା ହେଉଛି 'ପବିତ୍ର ଶୀତଳ ଷଷ୍ଠୀ'। ଶ୍ରୀ ପ୍ରଧାନ ଏହି ପର୍ବର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି କହିଛନ୍ତି ଯେ, ଶୀତଳ ଷଷ୍ଠୀର ସବୁଠାରୁ ବଡ଼ ସ୍ୱତନ୍ତ୍ରତା ହେଉଛି ଏହାର 'ମାନବୀୟ ଲୀଳା'। ଯେଉଁଠି ସ୍ୱୟଂ ଭଗବାନ ଜଣେ ସାଧାରଣ ମଣିଷ ଭଳି ବରଯାତ୍ରୀ ନେଇ କନ୍ୟାପିତାଙ୍କ ଦୁଆରକୁ ଯାଆନ୍ତି। ଏହି ଉତ୍ସବରେ ଜଣେ ସାଧାରଣ ମଣିଷ ଭଗବାନଙ୍କ ଉପରେ ନିଜର ଅଧିକାର ଜାହିର୍ କରେ ଏବଂ ପ୍ରଭୁ ମଧ୍ୟ ଭକ୍ତର ଗୁହାରି ଶୁଣି ତା'ର ସୁଖ-ଦୁଃଖରେ ସାମିଲ ହୁଅନ୍ତି। ଏହି ପବିତ୍ର ଅବସରରେ ସମଗ୍ର ସମାଜ ସବୁ ଭେଦଭାବ ଭୁଲି ଏକାଠି ହୋଇଥାଏ, ଯାହା ଆମର ପାରିବାରିକ ଓ ସାମାଜିକ ସଂସ୍କାରକୁ ଯୁଗ ଯୁଗ ଧରି ମଜବୁତ କରି ରଖିଛି ।



ଶୀତଳ ଷଷ୍ଠୀ କେବଳ ଏକ ପର୍ବ ନୁହେଁ, ଏହା ଆମ ଓଡ଼ିଆ ସଂସ୍କୃତିର ଅନନ୍ୟ ଗାରିମା ଏବଂ ଭାବମୟ ପରିଚୟ । ଏହା ଆଧାତ୍ମିକତା, ଧର୍ମଧାରା ଓ ଲୋକ ସଂସ୍କୃତିର ବିରଳ ସମାହାର । 'ଥାଲ ଉଠା', 'ପତର ପେଣ୍ଡି', 'ଗୁଆ ଗୁଣା', 'ଦେବ ନିମନ୍ତ୍ରଣ', 'ଦେବ ବିବାହ' ଏବଂ 'ନଗର ପରିକ୍ରମା' ଭଳି ପ୍ରତ୍ୟେକଟି ପାରମ୍ପରିକ ରୀତିନୀତି ଏହି ପର୍ବକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି । ମାତା ପାର୍ବତୀ ଓ ପ୍ରଭୁ ଶିବଙ୍କର ଏହି ବିବାହ ପଛରେ ସମଗ୍ର ଜଗତର କଲ୍ୟାଣ ଚେତନା ରହିଛି। ଶୀତଳ ଷଷ୍ଠୀ ଆମ ଭାରତବର୍ଷର 'ଇନଟାଞ୍ଜିବୁଲ୍ କଲଚୁରାଲ ହେରିଟେଜ'ର ଏକ ଭବ୍ୟ ରୂପ, ଯେଉଁଠି ବିଭିନ୍ନ ଲୋକକଳା, ସାଂସ୍କୃତିକ ବାଦ୍ୟ, ପାରମ୍ପରିକ ନୃତ୍ୟ ଏବଂ ଲୋକଗୀତର ଏକ ଅପୂର୍ବ ମହାସଙ୍ଗମ ଦେଖିବାକୁ ମିଳେ। ଭାରତ ସରକାର ଏହି ଅନନ୍ୟ ଲୋକ ସଂସ୍କୃତିକୁ ସମ୍ମାନ ଜଣାଇ ଏକ ସ୍ମାରକୀ ଡାକଟିକେଟ ପ୍ରଚଳନ କରିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ତାଙ୍କ ବାର୍ତ୍ତାରେ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ, ଶୀତଳ ଷଷ୍ଠୀ ପ୍ରକୃତିକୁ ସୁରକ୍ଷା ଦେବାର ଏବଂ ପରିବେଶକୁ ସବୁଜ ସୁନ୍ଦର କରିବାର ଏକ ମହାନ ବାର୍ତ୍ତା ଦିଏ। ତେଣୁ ଏହି ପବିତ୍ର ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ 'ଏକ୍ ପେଡ୍ ମା' କେ ନାମ' ଅଭିଯାନରେ ସାମିଲ ହୋଇ ପ୍ରତ୍ୟେକେ ଗୋଟିଏ ଗୋଟିଏ ଗଛ ଲଗାଇବା ଏବଂ ଏହି ଜଗତକୁ ସବୁଜିମାରେ ଶୀତଳ କରିବାର ସଂକଳ୍ପ ନେବା ଉଚିତ । ଶୀତଳ ଷଷ୍ଠୀ ଯାତ୍ରାର ସାଂସ୍କୃତିକ ଭବ୍ୟତାକୁ ଆହୁରି ଆଗକୁ ନେବା ଏବଂ ଏହାର 'ଜଗତ କଲ୍ୟାଣ' ବାର୍ତ୍ତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିବା ସହ 'ବିକଶିତ ସମ୍ବଲପୁର' , 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ଗଠନ ପାଇଁ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ସେ ଜନସାଧାରଣଙ୍କୁ ଅପିଲ୍ କରିଛନ୍ତି।

# ବାଲ୍ୟ ବିବାହ ବନ୍ଦ କରିବା

କଲମ୍ବିଆ ୟୁନିଭରସିଟି ସ୍କୁଲ ଅଫ ଇଂଟରନ୍ୟାଶନାଲ ଆଣ୍ଡ ପବ୍ଲିକ ଅଫୋୟାସ ପକ୍ଷରୁ କଲମ୍ବିଆ ଇନଷ୍ଟିଚ୍ୟୁଟ୍ ଅଫ ଗ୍ଲୋବାଲ ପଲିଟିକ୍ସ ଓମେନସ୍ ଇନିସିଏଟିଭ ଦ୍ୱାରା ବିଶ୍ୱରେ ବାଲ୍ୟ ବିବାହ ସ୍ଥିତି ନେଇ ନିକଟରେ ପ୍ରକାଶିତ ଏକ ରିପୋର୍ଟର କୁହାଯାଇଛି ଯେ, ଏବେ ବୈଶ୍ୱିକ ସ୍ତରରେ ବାଲ୍ୟବିବାହ ବିରୁଦ୍ଧରେ ସହମତି ବୃଦ୍ଧି ପାଇବାରେ ଲାଗିଛି। ବାଲ୍ୟ ବିବାହକୁ ଏକ ଅପରାଧିକ ନ୍ୟାୟା ପ୍ରସଙ୍ଗ ଭାବେ ଗ୍ରହଣ କରି ଉଭୟ ଉତରଦାୟିତ୍ୱ ଓ ନିରାକରଣ ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। କହିବା ବାହୁଲ୍ୟ ଯେ, କାହିଁ କେଉଁ ପୁରାତନ କାଳରୁ ବାଲ୍ୟ ବିବାହକୁ ଏକ ସାମାଜିକ, ସାସ୍କୃତିକ ଓ ପରାମ୍ପରାଗତ ପ୍ରସଙ୍ଗ ଭାବେ ବିଶ୍ୱର ବହୁ ରାଷ୍ଟ୍ର ଓ ସମ୍ପ୍ରଦାୟରେ ପ୍ରଚଳିତ ହୋଇ ଆସୁଥିବାବେଳେ ଏବେ ଏହାକୁ ଶିଶୁ ଅଧିକାରର ଗୁରୁତର ଉଲଂଘନ ଏବଂ ଶିଶୁଯୌନ ନିର୍ଯ୍ୟାତନା ଭାବେ ସ୍ୱୀକୃତି ମିଳିଛି। ବାଲ୍ୟ ବିବାହର ସମାପ୍ତି ପାଇଁ କେବଳ ମୌଳିକ ଏବଂ ଆଇନଗତ ଆବଶ୍ୟକତା ନୁହେଁ ଆର୍ଥିକ ବିକାଶ ଓ ଦୀର୍ଘ ମିଆଦି ଅଭିବୃଦ୍ଧି ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବ୍ୟାପୀ ବାର୍ଷିକ ୧୮ବର୍ଷରୁ କମ୍ ୧୨ମିଲିଅନ ବାଳିକା ବାଲ୍ୟ ବିବାହ କରୁଛନ୍ତି। ବିଶ୍ୱରେ ପ୍ରତି ୫ଜଣରେ ଜଣେ ବାଳିକା ବାଲ୍ୟ ବିବାହ କରୁଥିବା କୁହାଯାଇଛି। ଅଶିକ୍ଷା, ଦାରିଦ୍ର୍ୟ, ସାମାଜିକ ପରମ୍ପରା ଆଦି ବାଲ୍ୟବିବାହ କ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି। ବିଶ୍ୱରେ ୧୮ବର୍ଷ ପୂର୍ବରୁ ୬୫୦ ମିଲିଅନରୁ ଅଧିକ ବାଳିକା ବିବାହ ବନ୍ଧନରେ ଆବଦ୍ଧ ହୋଇ ଜୀବିତ ଅଛନ୍ତି। ନାଇଜେରିଆ, ଚାଦ୍, କେନ୍ଦ୍ରୀୟ, ଆଫ୍ରିକ ରିପବ୍ଲିକ, ମଲି ଆଦି ରାଷ୍ଟ୍ରରେ ବାଲ୍ୟ ବିବାହ ଉଚ୍ଚ ହାରରେ ରହିଥିବାବେଳେ ଦକ୍ଷିଣ ଏସିଆ, ପୂର୍ବ ଓ ଦକ୍ଷିଣ ଆଫ୍ରିକା, ପଶ୍ଚିମ ଓ କେନ୍ଦ୍ରୀୟ ଆଫ୍ରିକା, ଲାଟିନ ଆମେରିକା ଏବଂ କାରିବିଆନ ଆଦି ଦେଶରେ ବାଲ୍ୟ ବିବାହ ହାର ଜନସଚେତନତା ଏବଂ ଶକ୍ତିଶାଳୀ ଜନମତ ଯୋଗୁଁ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଆମ ଦେଶରେ ବ୍ରିଟିଶ ଶାସନ ଅମଳରୁ ବାଲ୍ୟ ବିବାହ ନିଷିଦ୍ଧ ହୋଇଥିବା ଏବେ ସ୍ୱାଧୀନତା ପରେ ବହୁ କଠୋର ଓ ଦଣ୍ଡନୀୟ ଆଇନ ପ୍ରଣୟନ ସତ୍ତ୍ୱେ ୧୮ବର୍ଷରୁ କମ୍ ନାବାଳିକାଙ୍କ ବିବାହ ଏବେ ବି ଗଣମାଧ୍ୟମରେ ଶିରୋନାମା ପାଲଟିଛି। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଭାରତରେ ପ୍ରତିବର୍ଷ ୧.୫ ମିଲିଅନ ବାଲ୍ୟ ବିବାହ ହୋଇଛି। ତେବେ ଦେଶରେ ୧୯୯୩-୧୯୯୪ରେ ବାଲ୍ୟ ବିବାହ ହାର ୯.୪ ପ୍ରତିଶତ ଥିବାବେଳେ ୨୦୦୫-୦୬ରେ ଏହା ୨୩.୩ ପ୍ରତିଶତକୁ ହ୍ରାସ ପାଇଛି। ୧୯୯୩ରୁ ଦୁଇ ଦଶନ୍ଧି ମଧ୍ୟରେ ୧୫ ପ୍ରତିଶତ ହ୍ରାସ ପାଇଛି। ଏହା କେବଳ ସଚେତନତା, କଠୋର ଆଇନ, ବେଟି ବଢ଼ାଅ, ବେଟି ପଢ଼ାଓ ଏବଂ ବହୁ ବାଳିକା ସମୃଦ୍ଧି ଯୋଜନା ଯୋଗୁଁ ସମ୍ଭବ ହୋଇଛି। ଏହା ସତ୍ତ୍ୱେ ଉତରପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ଦେଶର ଅର୍ଦ୍ଧାଧିକ ବାଲ୍ୟ ବିବାହ ପ୍ରତିବର୍ଷ ହେଉଥିବା ରିର୍ପୋଟ କହେ। ଆମ ରାଜ୍ୟରେ ବାଲ୍ୟ ବିବାହ ହାର ଜାତୀୟ ହାର ୨୩.୩ ପ୍ରତିଶତ ତଳେ ରହିଛି। ଅର୍ଥାତ ଓଡିଶାରେ ବାଲ୍ୟ ବିବାହ ହାର ୨୦.୫ ପ୍ରତିଶତ ରହିଛି। ଓଡିଶାର ୧୨ଟି ଜିଲ୍ଲାରେ ବାଲ୍ୟ ବିବାହ ହାର ଅଧିକ ରହିଥିବାବେଳେ ନବରଙ୍ଗପୁର ଜିଲ୍ଲା ସର୍ବାଗ୍ରେ ରହିଛି। ନବରଙ୍ଗପୁର ଜିଲ୍ଲାରେ ବାଲ୍ୟ ବିବାହ ହାର ସର୍ବୋଚ୍ଚ ୩୯.୪ ଥିବାବେଳେ ଦ୍ୱିତୀୟ ସ୍ଥାନରେ ନୟାଗଡ ଜିଲ୍ଲାରେ ୩୫.୭ ପ୍ରତଶତ ଏବଂ ତୃତୀୟ ସ୍ଥାନରେ କୋରାପୁଟ ୩୫.୫ ପ୍ରତିଶତ ରହିଥିବା ସରକାରୀ ତଥ୍ୟ ଜଣାଯାଏ। ସେହିପରି ରାୟଗଡା, ମାଲକନଗିରି, ମୟୁରଭଞ୍ଜ, ଗଜପତି, ବାଲେଶ୍ୱର, ବୌଦ୍ଧ, ଅନୁଗୁଳ ଓ କଂଗ୍ରେସ ଜିଲ୍ଲାରେ ବାଲ୍ୟ ବିବାହ ହାର ୨୦.୫ ପ୍ରତିଶତ ଉପରେ ରହିଛି। ସେହିପରି ଗ୍ରାମାଚଂଳରେ ବାଲ୍ୟ ବିବାହ ହାର ସହରାଚଂଳ ଠାରୁ ଅଧିକ ରହିଛି। ଗ୍ରାମାଚଂଳରେ ୧୪.୮ ପ୍ରତିଶତ ଥିବାବେଳେ ସହରାଚଂଳରେ ୭.୪୧ ପ୍ରତିଶତ ରହିଛି। ଗଲା ୫ବର୍ଷ ଅର୍ଥାତ ୨୦୧୯ ରୁ ୨୦୨୪ ମଧ୍ୟରେ ପ୍ରଶାସନ ୧୪୦୦ରୁ ଉର୍ଦ୍ଧ୍ୱ ବାଲ୍ୟ ବିବାହକୁ ରୋକି ପାରିଛି। ଆସନ୍ତା ୨୦୩୦ ସୁଦ୍ଧା ରାଜ୍ୟକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଅନ୍ୟପକ୍ଷରୁ ଭାରତକୁ ବାଳ ବିବାହ ମୁକ୍ତ କରିବା ପାଇଁ ସରକାରଙ୍କ ଅଭିଯାନ ଜାରି ରହିଛି। ଏହା ବ୍ୟତୀତ ଦେଶକୁ ବାଲ୍ୟ ବିବାହ ମୁକ୍ତ କରିବାପାଇଁ ୨୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନ (ଏନଜିଓ) କାର୍ଯ୍ୟରତ ଥିବାବେଳେ ଦେଶବ୍ୟାପୀ ୫ଲକ୍ଷରୁ ଉର୍ଦ୍ଧ୍ୱ ବିବାହକୁ କର୍ତ୍ତୃପକ୍ଷ ରୋକିପାରିଛନ୍ତି। ଏହା ନିସନ୍ଦେହ ଯେ, ବାଲ୍ୟ ବିବାହର ସମାପ୍ତି କେବଳ ଏକ ଆଇନ କିମ୍ବା ନୀତିଗତ ଲକ୍ଷ୍ୟ ନୁହେଁ, ଏହା ସାମାଜିକ ଆନ୍ଦୋଳନ, ମିଳିତ ଉତରଦାୟିତ୍ୱ, ସଂଗଠିତ ଅଭିଯାନ, ସହଯୋଗିତା, ସଚେତନତା ଏବଂ ନୈତିକ କର୍ତବ୍ୟ ଅପରିହାର୍ଯ୍ୟ। ସୁସ୍ଥ ଏବଂ ସୁଖୀ ସମାଜ ଗଠନ ପାଇଁ ବାଲ୍ୟ ବିବାହର ମୂଳୋପାଟନ ଜରୁରୀ।

# ଡେମୋଗ୍ରାଫି ପରିବର୍ତ୍ତନର ସଂକଟ ଓ ମୋଦୀ ସରକାରଙ୍କ ନୀତିରେ ମୌଳିକ ପରିବର୍ତ୍ତନ

**ଡ. ସମନ୍ୱୟ ନନ୍ଦ**

ଭାରତର ଡେମୋଗ୍ରାଫିର ପରିଦୃଶ୍ୟରେ ଭୟଙ୍କର ପରିବର୍ତନ ହେଉଥିବା ଦେଖିବାକୁ ମିଳୁଛି । ଡେମୋଗ୍ରାଫି ପରିବର୍ତନ ଏକ ଭୟଙ୍କର ପ୍ରସଙ୍ଗ । ଡେମୋଗ୍ରାଫିରେ ପରିବର୍ତନ ହେଲେ କଣ ହୁଏ ତାହା କାହାକୁ ବୁଝାଇବାର ଆବଶ୍ୟକତା ନାହିଁ। କାରଣ ଭାରତର ବିଭାଜନ ମଧ୍ୟ ଡେମୋଗ୍ରାଫି ପରିବର୍ତନ କାରଣରୁ ହୋଇଥିଲା । ଯଦି ଆମେ ସ୍ୱାଧୀନ ଭାରତର କଥା କହିବା ତେବେ କାଶ୍ମୀର ଉପତ୍ୟକାରେ କାଶ୍ମୀର ହିନ୍ଦୁ ପଣ୍ଡିତ ମାନଙ୍କୁ ଯେଭଳି ଭାବେ ବିତାଡିତ କରାଯାଇଥିଲା ତା ପଛର ମୂଳ କାରଣ ମଧ୍ୟ ଏହି ଡେମୋଗ୍ରାଫି ପରିବର୍ତନ । ତେଣୁ ଡେମୋଗ୍ରାଫି ପରିବର୍ତନ କୌଣସି ସାଧାରଣ ପ୍ରସଙ୍ଗ ନୁହେଁ ବରଂ ଏହା ଦେଶର ସୁରକ୍ଷା ଓ ଦେଶର ଅସ୍ତିତ୍ୱ ସମ୍ପର୍କିତ ଏକ ଜ୍ୱଳନ୍ତ ପ୍ରଶ୍ନ ।

ଯେତେବେଳେ ଦେଶରେ ଡେମୋଗ୍ରାଫିରେ ହେଉଥିବା ପରିବର୍ତନ ସମ୍ପର୍କରେ ବିଚାର ବିମର୍ଶ ହୁଏ ସେତେବେଳେ ଏହି ବିମର୍ଶ ପ୍ରାୟ ଆର୍ଥିକ ବିକାଶ ଓ ପ୍ରଗତି ଉପରେ କେନ୍ଦ୍ରିତ ରହିଥାଏ । ବିଶେଷ ଭାବେ ଦେଶର ସୀମାବର୍ତୀ ଅଂଚଳ ଗୁଡିକରେ ହେଉଥିବା ଡେମୋଗ୍ରାଫି ପରିବର୍ତନର ଧାରା ଦେଶର ନିରାପତା ପାଇଁ ଏକ ଗଭୀର ଚ୍ୟାଲେଂଜ ସୃଷ୍ଟି କରୁଥିବା ପ୍ରତୀୟମାନ ହୁଏ । ରଣନୈତିକ ଦୃଷ୍ଟିରୁ ସର୍ବାଧିକ ଗୁରୁତ୍ୱପୂର୍ଣ ଅଂଚଳ, ଉଦାହରଣ ସ୍ୱରୂପ ଚିକେନ ନେକ କରିଡର ତଥା ପୂର୍ବ ସୀମାରେ ଥିବା ମୁସଲମାନ ଜନସଂଖ୍ୟା ବହୁଳ ଜିଲ୍ଲା ମାନଙ୍କର ଲଗାତାର ବଢୁଥିବା ସଂଖ୍ୟା କୌଣସି ସାଧାରଣ ଘଟଣା ନୁହେଁ ବରଂ ଏହାର ପାଟର୍ନକୁ ଗଭୀର ଅଧ୍ୟୟନ କରି ଠିକ ଭାବେ ବୁଝିବା ଓ ସମୟ ଥାଉ ଥାଉ ଏହାର ଉଚିତ ଉପାୟ ଅବଲମ୍ବନ କରିବା ହେଉଛି ସମୟର ଆବଶ୍ୟକତା ।

ବର୍ତମାନ ଉପଲବ୍ଧ ତଥ୍ୟ ଉଦବେଗଜନକ ପରିସ୍ଥିତିକୁ ଦର୍ଶାଇଥାଏ । ୧୯୫୧ ମସିହାରେ ମୁସଲମାନ ବହୁଳ ଜିଲ୍ଲାର ସଂଖ୍ୟା ମାତ୍ର ୮ ଥିଲା । ହେଲେ ୨୦୧୧ ମସିହା ଆସୁ ଆସୁ ଏହି ସଂଖ୍ୟା ବଢି ୩୬ରେ ପହଂଚି ସାରିଛି । ମୁସଲମାନ ମାନଙ୍କର ସଂଖ୍ୟାରେ ବୃଦ୍ଧି ସମାନ ଭାବେ ସାରା ଦେଶରେ ବଢି ନାହିଁ ବରଂ ଏଭଳି ଅଂଚଳରେ ଅପ୍ରତ୍ୟାଶିତ ଭାବେ ବଢିଛି ଯାହା ଦେଶର ଅଖଣ୍ଡତା ଓ ସାମରିକ ସୁରକ୍ଷା ଓ ଷ୍ଟ୍ରାଟେଜିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ । ଉଦାହରଣ ସ୍ୱରୂପ ଚିକେନ ନେକ ର କରିଡର ଯାହା ଭାରତର ମୁଖ୍ୟ ଭୂମିକୁ ପୂର୍ବୋତର ଭାରତ ସହ ଯୋଡିଥାଏ, ସେହି ଅଂଚଳରେ ଡେମୋଗ୍ରାଫିରେ ବ୍ୟାପକ ଓ ଅପ୍ରତ୍ୟାଶିତ ପରିବର୍ତନ ଅନେକ ଚିନ୍ତା ଉତ୍ପନ୍ନ କରୁଛି । ଏହି ସମ୍ବେଦନଶୀଳ ଅଂଚଳରେ ଡେମୋଗ୍ରାଫିରେ ଅପ୍ରତ୍ୟାଶିତ ପରିବର୍ତନ ଅନେକ ପ୍ରଶ୍ନକୁ ଜନ୍ମ ଦେଇଥାଏ । କଣ ଡେମୋଗ୍ରାଫିରେ ଏହି ପରିବର୍ତନର ପ୍ରକ୍ରିୟା ସ୍ୱାଭାବିକ ନା ଏହା ବାହ୍ୟ କାରକ ଗୁଡିକ ଦ୍ୱାରା ପ୍ରେରିତ ଅଥବା ସୁନିୟୋଜିତ ଭାବେ କୌଣସି ଷଡଯନ୍ତ୍ରପୂର୍ବକ୍ରୁ ଏହି କାର୍ଯ୍ୟକୁ କରାଯାଉଛି ? ସାଧାରଣ ଦୃଷ୍ଟିରେ ଆମେ ଯଦି ଦେଖିବା ତେବେ ଆମେ ଜାଣି ପାରିବା ଯେ ନିଶ୍ଚିତ ଭାବେ ଏହି ପ୍ରକ୍ରିୟା ସ୍ୱାଭବିକ ନୁହେଁ । ଯଦି ଏହା ସ୍ୱାଭବିକ ଭାବେ ହୋଇଥାନ୍ତା ତେବେ ଏହି ସଂଖ୍ୟା ସମାନ ଭାବେ ଦେଶର ବିଭିନ୍ନ ଅଂଚଳରେ ବିତରିତ ହୋଇଥାନ୍ତା । ହେଲେ କେବଳ ସୀମାବର୍ତୀ ଅଂଚଳ, ଯାହା ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ ଅଂଚଳରେ ଡେମୋଗ୍ରାଫିରେ ପରିବର୍ତନ ଦେଖିବାକୁ ମିଳୁଛି ତାହା ନିଶ୍ଚିତ ଭାବେ କୌଣସି ବଡ ଷଡଯନ୍ତ୍ର ଆଡକୁ ସଂକେତ କରୁଛି ।

ଗତ ବର୍ଷ ଲାଲ କିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେମୋଗ୍ରାଫି ପରିବର୍ତନ ସମ୍ପର୍କିତ ସଂକଟ ପାଇଁ ଏକ ଉଚ୍ଚାଧିକାର କମିଟି ଗଠନ କରିବାକୁ ଘୋଷଣା କରିଥିଲେ । ଏହି ଘୋଷଣା ଅନୁଯାୟୀ ମୋଦୀ ସରକାର ବେଆଇନ ଅନୁପ୍ରବେଶ କାରଣରୁ ଦେଶର ଅନେକ ଭାଗ ବିଶେଷ ଭାବେ ସୀମାବର୍ତୀ ଅଂଚଳରେ ହେଉଥିବା ଡେମୋଗ୍ରାଫି ପରିବର୍ତନର ସମସ୍ୟାର ମୁକାବିଲା ପାଇଁ ଏକ ଉଚ୍ଚାଧିକାର ପ୍ରାପ୍ତ ସମିତିର ଗଠନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ପ୍ରକାଶ ପ୍ରଭାକର ନାବେଲକରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯାଇଛି । ଏହି କମିଟି ଏକ ବର୍ଷ ମଧ୍ୟରେ ଡେମୋଗ୍ରାଫି ପରିବର୍ତନର କାରଣର ଅଧ୍ୟୟନ କରିବା ସହ ଏହି ସମସ୍ୟାର ନିରାକରଣ ପାଇଁ ପରାମର୍ଶ ପ୍ରଦାନ କରିବ ।

ଏହି ସମିତି ସମ୍ପର୍କରେ ଘୋଷଣା କରି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ଡେମୋଗ୍ରାଫିରେ ପରିବର୍ତନ ଦେଶର ସଂପ୍ରଭୁତା ସହିତ ଦେଶର ନିରାପତା, ଆଇନ ଶୃଙ୍ଖଳା ପରିସ୍ଥିତି, ସାମାଜିକ ସଂରଚନାରେ ଗୁରୁତର ପରିବର୍ତନ ସହିତ ଜନଜାତୀୟ ସମାଜର ସଂରକ୍ଷଣ ସହ ଉଜିତ ଏକ ବଡ ସମସ୍ୟା । ତେଣୁ ଏହି ସମିତି ଭାରତରେ ବେଆଇନ ଅନୁପ୍ରବେଶ ଓ ଅସାଧାରଣ କାରଣ ଯୋଗୁ ଦେଶରେ ଡେମୋଗ୍ରାଫିରେ ପରିବର୍ତନର କାରଣ ଗୁଡିକର ବ୍ୟାପକ ମୂଲ୍ୟାଙ୍କନ କରିବା ସହ ସୁନିୟୋଜିତ ଓ ସମୟବଦ୍ଧ ସମାଧାନ ପାଇଁ ପରାମର୍ଶ ପ୍ରସ୍ତୁତ କରିବ ।

ଏହି ସମିତିକୁ ମୋଟ ଆଠଟି ପ୍ରସଙ୍ଗକୁ ନେଇ କାର୍ଯ୍ୟ କରିବାକୁ କୁହା ଯାଇଛି । ଏଥି ମଧ୍ୟରେ ବେଆଇନ ଅନୁପ୍ରବେଶ ସହିତ ଡେମୋଗ୍ରାଫିରେ ପରିବର୍ତନ କାରଣରୁ ଉତ୍ପନ୍ନ ଚ୍ୟାଲେଂଜ ଗୁଡିକ ଉପରେ ବ୍ୟାପକ ଭାବେ ବିଚାର କରିବା. ଏଭଳି ଡେମୋଗ୍ରାଫିକ ପରିବର୍ତନର ସମ୍ଭାବିତ କାରଣ ଗୁଡିକର ଅଧ୍ୟୟନ କରିବା ଯେପରିକି ସୀମା ପାର କାର୍ଯ୍ୟକଳାପ (ବେଆଇନ ଅନୁପ୍ରବେଶ ସହିତ) ଆର୍ଥିକ ସୁଯୋଗ ଓ ଅନ୍ୟ ସାମାଜିକ ଓ ଅନ୍ୟ କାରକ । ସେହିପରି ଏହି ପରିବର୍ତନ ଗୁଡିକ ପଛରେ ଥିବା ଅନ୍ତର୍ନିହିତ କାରକ ଗୁଡିକୁ ଚିହ୍ନଟ କରିବା ଯେଉଁଥିରେ ଅସାଧାରଣ ଭାବେ ବସ୍ତି ସ୍ଥାପନ କରି ରହିବାର ପାଟର୍ନ ଆଦି ସାମିଲ ରହିଛି । ଏହି ସମିତି ଧାର୍ମିକ ଓ ସାମାଜିକ ସଂପ୍ରଦାୟ ଗୁଡିକ ଉପରେ ଡେମୋଗ୍ରାଫି ପରିବର୍ତନ ଦ୍ୱାରା ପଡୁଥିବା ପ୍ରଭାବର ବିଶ୍ଳେଷଣ କରିବ । ଏହି ସହିତ ଏହି ସମିତି ଦେଶରେ ପୂର୍ବରୁ ରହୁଥିବା ଅନୁପ୍ରବେଶକାରୀ ମାନଙ୍କର ପାଇଁ ଆଇନ, ନିରପେକ୍ଷ ଓ ସମୟବଦ୍ଧ ଭାବେ ସେମାନଙ୍କୁ ଚିହ୍ନଟ କରିବା ତଥା ତାଙ୍କୁ ଦେଶରୁ ବିତାଡିତ କରିବାକୁ ଏକ ସୁବ୍ୟସ୍ଥିତ ଓ ସ୍ଥାୟୀ ପରିଚାଳନା ପ୍ରଣାଳୀ ତିଆରି କରିବା ବିଷୟରେ ସୁପାରିଶ କରିବ । ଏହା ବ୍ୟତୀତ ଏହି କମିଟି ଅନୁପ୍ରବେଶ ତଥା ଡେମୋଗ୍ରାଫି ପରିବର୍ତନ କାରଣରୁ ଅସନ୍ତୁଳନ ସମ୍ପର୍କିତ ମାମଲା ଗୁଡିକରେ କେନ୍ଦ୍ର ଓ ରାଜ୍ୟ ସରକାର ଗୁଡିକ ମଧ୍ୟରେ କିଭଳି ସମନ୍ୱୟ ଆହୁରି ବଢି ପାରିବ ସେ ନେଇ ବ୍ୟାପକ ନୀତିଗତ ସଂରଚନା ତିଆରି କରିବାକୁ ପ୍ରସ୍ତାବ ଦେବ।

କେନ୍ଦ୍ର ସରକାର ଯେଉଁ ଉଚ୍ଚ ସ୍ତରୀୟ ସମିତି ଗଠନ କରିଛନ୍ତି ତାହା କୌଣସି ପ୍ରତୀକାତ୍ମକ ସମିତି ନୁହେଁ । ଏଥିରେ ପୂର୍ବତନ ବିଚାରପତିଙ୍କ ଠାରୁ ଆରମ୍ଭ କରି ପୂର୍ବତନ ବ୍ୟୁରୋକ୍ରାଟ, ସୁରକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ଅର୍ଥନୀତିଜ୍ଞଙ୍କୁ ମଧ୍ୟ ସାମିଲ କରାଯାଇଛି । ଏହାର ଅର୍ଥ ହେଲା ଭାରତ ସରକାର ଭାରତର ସୀମାବର୍ତୀ ଅଂଚଳରେ ଡେମୋଗ୍ରାଫି ପରିବର୍ତନକୁ ନେଇ ବହୁଆୟାମୀ ଆକଳନ କରିବାକୁ ଯାଉଛନ୍ତି ।

ତେବେ ମୋଦୀ ସରକାରଙ୍କର ଏହି ନୀତିକୁ ବର୍ତମାନ ସୁଦ୍ଧା ସବୁଠାରୁ ବଡ ନୀତିଗତ ଓ ମୌଳିକ ପରିବର୍ତନ ବୋଲି କୁହାଯାଉଛି । ଏହାର କାରଣ ହେଲା ଯେ ଏହା ପୂର୍ବରୁ ଏହି ପ୍ରସଙ୍ଗକୁ କେହି ଗୁରୁତ୍ୱର ସହ ନେଉ ନ ଥିଲେ । ହେଲେ ବର୍ତମାନ ସରକାର ଏହି ସମିତି ଗଠନ କରିବା ସହ ଅନ୍ୟ କିଛି ଗୁରୁତ୍ୱପୂର୍ଣ ନିର୍ଦେଶ ଦେଇଛନ୍ତି ତା ଦ୍ୱାରା ସରକାର ଏହି ମାମଲାକୁ ନେଇ କେତେ ଗମ୍ଭୀର ଅଛନ୍ତି ତାହା ସ୍ପଷ୍ଟ ହେଉଛି । ଦେଶର ସୀମାବର୍ତୀ ରାଜ୍ୟ ମାନଙ୍କୁ ସୀମାବର୍ତୀ ଅଂଚଳରେ ଥିବା ସମସ୍ତ ବେଆଇନ ନିର୍ମାଣକୁ ଧ୍ୱସ୍ତ କରିବାକୁ କୁହାଯାଇଛି । ଏହା ସହିତ ସୀମାବର୍ତୀ ଅଂଚଳରେ ଥିବା ବ୍ୟାଙ୍କ ଗୁଡିକରେ କେଉଁ ସଂଦିଗ୍ଧ ଉତ୍ସରୁ ଅର୍ଥ ଆସୁଥିବା ନେଇ ଜାଂଚ କରିବାକୁ କୁହାଯାଇଛି । କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଗତ କିଛି ଦିନ ଧରି ଦେଶର ପଶ୍ଚିମ ସୀମା ଠାରୁ ଆରମ୍ଭ କରି ଉତର ପୂର୍ବ ସୀମା ବର୍ତୀ ରାଜ୍ୟ ମାନଙ୍କୁ ଯାଉଛନ୍ତି ଓ ସେଠାରେ ବିଭିନ୍ନ ସମୀକ୍ଷା ବୈଠକ ମାନ କରୁଛନ୍ତି ।

ଡେମୋଗ୍ରାଫି ହିଁ କୌଣସି ଦେଶର ନିୟତିକୁ ନିର୍ଧାରିତ କରିଥାଏ । ଅନେକ ଦଶନ୍ଧି ଧରି ଭାରତ ଏହି ଗୁରୁତ୍ୱପୂର୍ଣ ବିଷୟକୁ ପ୍ରତ୍ୟକ୍ଷ ଭାବରେ ସ୍ପର୍ଶ କରୁ ନଥିଲା । କିନ୍ତୁ ବର୍ତ୍ତମାନ ଭାରତ ଏ ସମ୍ପର୍କରେ ଉଚ୍ଚସ୍ତରୀୟ କମିଟି ଗଠନ କରୁଛି । ସୀମାର ସୁରକ୍ଷା ଓ ନିରୀକ୍ଷଣକୁ ଜୋରଦାର କରୁଛି, ଅନୁପ୍ରବେଶକୁ ଏକ ଗୁରୁତର ଚ୍ୟାଲେଞ୍ଜ ଭାବରେ ଦେଖୁଛି ଏବଂ ସେହି ଅନୁରୂପ ଭାବରେ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରସ୍ତୁତ କରୁଛି। ଏହା ସ୍ପଷ୍ଟ କରୁଛି ଯେ ଭାରତ ସରକାରଙ୍କ ଷ୍ଟ୍ରାଟେଜିକ ଥିଙ୍କିଂରେ ମୌଳିକ ପରିବର୍ତ୍ତନ ଆସିଛି । ବାର୍ତା ଧୀରେ ଧୀରେ ସ୍ପଷ୍ଟ ହେଉଛି ଯେ ଭାରତର ରାଜ୍ୟ ବ୍ୟବସ୍ଥା ପରିଚାଳନାର ପରବର୍ତ୍ତୀ ପର୍ଯ୍ୟାୟ କେବଳ ରାଜପଥ, ଜିଡିପି ଏବଂ ଭିତ୍ତିଭୂମି ବିକାଶରେ ସୀମିତ ରହିବ ନାହିଁ। ଏହା ଡେମୋଗ୍ରାଫି ସନ୍ତୁଳନ ଓ ସ୍ଥିରତାର ସୁରକ୍ଷା ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେବ। କାରଣ ଆର୍ଥିକ ମହାଶକ୍ତି ମାନେ ଦୀର୍ଘ ସମୟ ଧରି ଆଭ୍ୟନ୍ତରୀଣ ସମସ୍ୟାର ସମ୍ମୁଖୀନ ହୋଇ ତାଙ୍କର ଶକ୍ତି ବଜାୟ ରଖି ପାରନ୍ତି ନାହିଁ। ବିଭିନ୍ନ ସଭ୍ୟତା ବାହ୍ୟ ଶତ୍ରୁଙ୍କ ଦ୍ୱାରା ପରାଜିତ ହେବା ପୂର୍ବରୁ ନିଜ ଭିତରୁ ଦୁର୍ବଳ ହୋଇ ଧ୍ୱଂସ ହୋଇଯିବାର ଅନେକ ଉଦାହରଣ ଇତିହାସରେ ଅଛି । ଭାରତର ନୀତି-ନିର୍ମାଣ ବ୍ୟବସ୍ଥା ଏହି ଐତିହାସିକ ତ୍ରୁଟିକୁ ଦୋହରାଇବାକୁ ପ୍ରସ୍ତୁତ ନଥିବା ପ୍ରତୀୟମାନ ହେଉଛି ।

# ‘ହିଡ଼ମାଟି’ର ସ୍ରଷ୍ଟା ନିତ୍ୟାନନ୍ଦ ମହାପାତ୍ର

**ଡ଼ଃ.ଅରୁନ୍ଧତୀ ଦେବୀ**

ଜନ୍ମ ଶତବାର୍ଷିକୀ ପାଳନ କରିବା ନିଶ୍ଚିତ ଭାବେ ଏକ ବିରଳ ସୌଭାଗ୍ୟ। ଯେଉଁ କତିପୟ ଓଡ଼ିଆ ସାହିତ୍ୟିକ ଏ ଭଳି ବିରଳ ସୌଭାଗ୍ୟ ଲାଭ କରିଥିଲେ, ସେମାନଙ୍କ ମଧ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସୁପୁତ୍ର ନିତ୍ୟାନନ୍ଦ ମହାପାତ୍ର ଅନ୍ୟତମ। ସାମସମୟିକ ବନ୍ଧୁଙ୍କ ପାଇଁ ସେ ଥିଲେ ନିତୁ ଭାଇ ତଥା ନିତେଇ ଭାଇ। ତାଙ୍କ ସଂପର୍କରେ ହରେକୃଷ୍ଣ ମହତାବ ଏକଦା ଲେଖିଥିଲେ - ନିତ୍ୟାନନ୍ଦ ପ୍ରଧାନତଃ ଜଣେ ଭକ୍ତ, ଦ୍ୱିତୀୟତଃ ସେ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ଏବଂ ରାଜନୀତିରେ ମଧ୍ୟ ତାଙ୍କର ପ୍ରବେଶ ଅଛି। ନିଜ ଦ୍ୱାରା ପ୍ରକାଶିତ ସଂପାଦିତ ଡଗର ପତ୍ରିକାରେ ନିଜର ବ୍ୟଙ୍ଗଚିତ୍ର ପ୍ରକାଶ କରି ଡଗର ନିତ୍ୟାନନ୍ଦ ଶୀର୍ଷକରେ ସ୍ୱୟଂ ନିତ୍ୟାନନ୍ଦ ଲେଖିଥିଲେ - ଆପଣ ଜଣେ ବ୍ୟର୍ଥ ପ୍ରେମିକ, ବ୍ୟର୍ଥ ରାଜନୈତିକ, ବ୍ୟର୍ଥ ଲେଖକ, ବ୍ୟର୍ଥ ସାହିତ୍ୟିକ, ବ୍ୟର୍ଥ ମନୁଷ୍ୟ, ବୋଧହୁଏ ବ୍ୟର୍ଥ ପଶୁ ମଧ୍ୟ..... ସାହିତ୍ୟ ଓ ରାଜନୀତି ଭିତରେ, ଧର୍ମ ଓ ପ୍ରେମ ଭିତରେ, ଧନୀ ଓ ଦରିଦ୍ର ଭିତରେ, ଜଡ଼ ଓ ଅଧ୍ୟାତ୍ମ ଭିତରେ ଦ୍ୱନ୍ଦ୍ୱ ଓ ସାଲିସ ବା ସାଲିସର ଅକ୍ଷମତା ହିଁ ଆପଣଙ୍କୁ ନିତ୍ୟ ଆନନ୍ଦ ଦେଇଛି। ସ୍ୱୟଂ ନିଜର ବିଶ୍ଲେଷଣ ଓ ଆକଳନ କରିବାରେ କି ଅପୂର୍ବ ଦକ୍ଷତା। ମୁଁ କାହିଁକି ଲେଖେ - ? ଏ ସଂପର୍କରେ କହିବାକୁ ଯାଇ ଏକଦା ଲେଖିଥିଲେ - ‘କବିତା ଲେଖା ଗୋଟିଏ ରୋଗ। ସେ ରୋଗ ଧରିଲେ ପାଠ ପଢ଼ିହୁଏ ନାହିଁ.... କବିତା ଲେଖିବାର ଭୂତଟା ମୋତେ ସବୁବେଳେ ମାଡ଼ିବସି ମୋ ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଛି। କବିତା ଲେଖିବାକୁ ହେଲେ ଏତେ ତ୍ୟାଗ କରିବାକୁ ପଡ଼େ ଏତେ ହରାଇବାକୁ ପଡ଼େ ଏତେ ଲାଞ୍ଛନା ସହିବାକୁ ପଡ଼େ ବୋଲି ମୋ ଜୀବନ ପ୍ରଭାତରେ ଯଦି ମୋତେ କିଏ ସାମାନ୍ୟ ସୂଚନା ଦେଇଥାଆନ୍ତା, ତେବେ ମୁଁ ବୋଧହୁଏ କବି ବା ଲେଖକ ହୋଇପାରି ନଥାନ୍ତି। କିନ୍ତୁ ସେ ହୋଇଥିଲେ କବି, ଗାଳ୍ପିକ-ଔପନ୍ୟାସିକ ହୋଇଥିଲେ, ଆଉ ହୋଇଥିଲେ ବ୍ୟଙ୍ଗକାର, ରମ୍ୟରଚନାକାର, ସ୍ତମ୍ଭକାର, ସାମ୍ବାଦିକ ଓ ସଂପାଦକ। ସବୁଠି ପାଇଥିଲେ ସଫଳତା। ତଥାପି ଅବସୋସ ରହିଥିଲା - ‘ମୁଁ ଯାହା ହେବାକୁ ଚାହିଁଛି, ଅଥଚ ହୋଇପାରି ନାହିଁ। ମୋର କାବ୍ୟ-କବିତା, ଗଳ୍ପ-ଉପନ୍ୟାସରେ ତା’ର ବିଳାପ ହିଁ ବଡ଼ ହୋଇଛି ସବୁବେଳେ ମୁଁ ଲେଖିଚାଲିଛି, ସେଇଟାଇ ମୋ’ ସାନ୍ତ୍ୱନା’। ନିତ୍ୟାନନ୍ଦଙ୍କ କବି ଜୀବନ ଆରମ୍ଭ ହୋଇଥିଲା ସାତ ବର୍ଷ ବୟସରେ, ପ୍ରଥମ ପଦ୍ୟର ନାମ ସାବିତ୍ରୀ। ମାଉସୀ ତାଙ୍କର ପ୍ରଥମ ଗଳ୍ପ ଏବଂ ପ୍ରଥମ ଉପନ୍ୟାସ ହେଉଛି ଭୁଲ। ବାପାଙ୍କ ଦ୍ୱାରା ପାଇଥିବା ଛଦ୍ମନାମ ଅବଧୂତ ନାଁରେ ଲେଖିଥିଲେ ପ୍ରଥମ ଉପନ୍ୟାସ। ହିଡମାଟି, ଭଙ୍ଗାହାଡ଼, ଜିଅନ୍ତା ମଣିଷ, ଆଦି ତାଙ୍କର ଶ୍ରେଷ୍ଠ କୃତି ଅନ୍ତର୍ଭୁକ୍ତ।

ଆଦ୍ୟ-ଯୌବନରେ ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରି ବାରମ୍ବାର ଜେଲ୍ ଯାଇଥିଲେ ନିତ୍ୟାନନ୍ଦ। ତାଙ୍କ ପାଇଁ ଜେଲ ଥିଲା ଦ୍ୱିତୀୟ ଘର। ଜେଲ୍ ଭିତରେ ଜଣେ ବିଦେଶୀ ବନ୍ଦୀ (ଆୟାର୍‌ଲାଣ୍ଡର ପ୍ରିମ୍ ରୋଜ୍)ଙ୍କ ଠାରୁ ଶିଖିଥିଲେ ଇଂରେଜୀ। ଆଉ ନିଜ ଚେଷ୍ଟାରେ ସଂସ୍କୃତ। ୧୯୧୨ ଜୁନ୍ ଆଜିର ଦିନରେ ଭଦ୍ରକରେ ଜନ୍ମ ହୋଇଥିଲେ ଓଡ଼ିଆ ସାହିତ୍ୟ ଦୁନିଆର ଏହି ପ୍ରବାଦପୁରୁଷ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ରଜ ଓ ବସୁମତୀ ସ୍ନାନ

**ଜ୍ୟୋସ୍ନା ମହାପାତ୍ର**

‘ଅଳତା ଗିନାରେ ପାଣି, ହଳଦୀ କାଠୁଆ ଶୁଖିଗଲାଣି, ଶୁଖିଗଲାଣି ଲୋ, ପିଠାଗଡ଼ା ଭୁଲିଲିଣି’ - ଇଏ ହେଉଛି ଆଜିର ଆଧୁନିକ ସମାଜର ରଜର ଚିତ୍ର। ମନେପଡ଼ି ଯାଏ ମୋ ପିଲାବେଳର ଗାଁ ପରିବେଶ। ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତର ବାସ୍ନାରେ ମହକି ଯାଏ ମାଟି। ସୃଷ୍ଟି ଓ ସୃଜନର ଉତ୍ସବ ସଭିଏଁ ପାଳନ କରନ୍ତି ଯାହାର ନାଁ ରଜ। ଗାଁର ସେ ପିଲାବେଳର ରଜର ବାସ୍ନା ମୋ ପାଇଁ ଚିରସ୍ମରଣୀୟ। ସେ ମହକ ପୋଡପିଠାର, ମା’ର ହାତ ଛୁଆଁ ବିଭିନ୍ନ ପ୍ରକାର ପିଠା ଆଉ ପାନ। ପିଲାଦିନେ ରଜ କଥା ଭିତରେ ରହିଛି ଆମର ଅନେକ ସ୍ମୃତି। ତେବେ ରଜ ହେଉଛି ଏକ ନାରୀ କୈନ୍ଦ୍ରିକ ପର୍ବ। ଗ୍ରୀଷ୍ମ ଓ ବର୍ଷା ଋତୁରେ ପଡୁଥିବା ଏହି ପର୍ବରେ ଯେମିତି ମଜା ମଉଜ ଅଛି ସେମିତି କିଛି କଟକଣା ବି ରହିଛି। ରଜ ତିନିଦିନ ପୃଥିବୀ ରଜଶ୍ୱଳା ହେବା କଥା ଶାସ୍ତ୍ରରେ ରହିଛି। ଆମ ପରମ୍ପରାରେ ଜ୍ୟେଷ୍ଠମାସର ଶେଷ ଦିନଟି ପହିଲି ରଜ, ଆଷାଢ଼ ମାସ ପ୍ରଥମ ଦିନ ରଜସଂକ୍ରାନ୍ତି ଓ ଦ୍ୱିତୀୟ ଦିନ ଭୂଇଁ ଦହନ ଏହି ତିନି ଦିନ ପର ଦିନ ହେଉଛି ବସୁମତୀ ସ୍ନାନ। ଏହି ବସୁମତୀ ସ୍ନାନ ସହିତ ଶେଷ ହୋଇଥାଏ ପାରମ୍ପରିକ ରଜ ପାଳନ।

ରଜ ହେଉଛି ବାସ୍ତବିକ ଏପରି ଏକ ପାର୍ବଣ ଯିଏ ନାରୀ ଚେତନାର ମହିମାକୁ ବର୍ଣ୍ଣନା କରିଛି। ପୃଥିବୀ ଠାରେ ମାତୃଚେତନା ବା ମାଟି ପ୍ରତି ମମତା ହିଁ କୃତଜ୍ଞ ମନୁଷ୍ୟକୁ ରଜ ପର୍ବରେ ତିନି ଦିନ ପାଇଁ ଭୂମିକଷଣ କରିବାରୁ ନିବୃତ୍ତ ରଖିଥାଏ। ବାସ୍ତବରେ ଆଦ୍ୟ ଆଷାଢ଼ରେ ମାଟି ସହିତ ମେଘର ମିଳନ ହୁଏ। ଏହାପରେ ବିଶେଷକରି ଧାନ ସମେତ ମାଟିରୁ ନାନା ପ୍ରକାର ଫସଲ ଉତ୍ପନ୍ନ ହୁଏ। ଏଣୁ ଶସ୍ୟ ଉତ୍ପନ୍ନ ପାଇଁ ଆବଶ୍ୟକ କୃଷି କାର୍ଯ୍ୟ ପୂର୍ବରୁ ମାଟିକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେବା ପାଇଁ ଏହି ପର୍ବର ତିଆରି। ଏହି ପର୍ବ ହେଉଛି ସ୍ୱତନ୍ତ୍ର ଓ ଅନନ୍ୟ।

ବସୁମତୀ ସ୍ନାନ ରଜ ପର୍ବର ଅନ୍ୟତମ ଦିବସ । ମା’ବସୁଧା, ଧରଣୀମାତା ଆମ ପାଇଁ ସବୁକିଛି। ତେଣୁ ରଜ କେବଳ ପରମ୍ପରା ହୋଇନଥାଏ କିନ୍ତୁ ବସୁମତୀ ସ୍ନାନ ଦିନ ମୁଁ ପିଲାବେଲୁ ଦେଖିଛି ସକାଳୁ ଉଠି ମାଆ ଶୀଳଶିଳପୁଆ ଧୋଇ ଦେଇ ତାକୁ ଚନ୍ଦନ ସିନ୍ଦୂର ଲଗାଇ ଦୀପଧୂପ ଦେଇ ପୂଜା କରିଥାଏ। ଏହା ବସୁମାତାଙ୍କ ଶୁଦ୍ଧ ସ୍ନାନ । ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ନାମରେ ଏହା ଲୋକପ୍ରିୟ । ମାର୍ଗଶୀର ଶେଷ ଗୁରୁବାର ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଲେଖାଯାଏ । ରଜସ୍ୱଳା ନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃକାଳରେ ଧରିତ୍ରୀ ମା’ର ଶୁଦ୍ଧ ସ୍ନାନ ପର୍ବ ପାଳନ କରାଯାଏ । ଏହି ଦିନ ଆନନ୍ଦ ଉଲ୍ଲାସ ପରିବର୍ତ୍ତେ ଆଧ୍ୟାତ୍ମିକତା ସ୍ଥାନ ନେଇଥାଏ । ବସୁମତୀ ସ୍ନାନରେ ଧରଣୀ ମାତାକୁ ଭକ୍ତି ଭାବର ସହ ପୂଜା କରାଯାଏ । ଶୁଦ୍ଧସ୍ନାନ ପରେ ଧରଣୀ ଶସ୍ୟବୀଜ ଧାରଣ କରିପାରେ । ବିଭିନ୍ନ ଫୁଲ, ବସ୍ତ୍ର ଓ ଫଳ ଆଦି ଅର୍ପଣ କରାଯାଇ ଏକ ପ୍ରକାର ଗଣପର୍ବ ରଜକୁ ବିଦାୟ ଦିଆଯାଇଥାଏ। ଅନେକଙ୍କ ଘରେ ଏହି ଦିନ ସ୍ୱତନ୍ତ୍ର ଭାବରେ ବିଭିନ୍ନ ପିଠା ପ୍ରସ୍ତୁତ ହୁଏ ଓ ଏହା ଧରଣୀ ମାତାଙ୍କୁ ଅର୍ପଣ ପରେ ଘରେ ସମସ୍ତେ ଆନନ୍ଦର ସହିତ ଗ୍ରହଣ କରିଥାନ୍ତି। ହଜାର ବର୍ଷର କଟକ ସହରର ଅନେକ ସାହିଗଳିରେ ଏହି ଦିନ ରାସ୍ତା ଉପରେ, ଘରର ଅଗଣା ପ୍ରାଙ୍ଗଣରେ ଏକ ଭକ୍ତିପୂତ ଆନନ୍ଦମୟ ପରିବେଶରେ ଧୂପ, ଦୀପ ଓ ଝୁଣାର ମହକ ଭିତରେ ବସୁମତୀ ସ୍ନାନ ପୂଜାକାର୍ଯ୍ୟ ଏବେ ବି ରଜର ସେହି ଶେଷ ସ୍ମୃତିକୁ ଗରୀୟାନ କରିଥାଏ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧
E-mail : abhisekmohapatra1999@gmail.com

# ‘ବଡ଼ଖିଆ’ଙ୍କ ରୋଷଘରେ ୨୪୦ ଚୁଲି

**ପୁଷ୍ପମିତ୍ର ମହାପାତ୍ର**

ମହାପ୍ରଭୁ ନିଜେ ଭୋଜନ ପ୍ରିୟ। ପ୍ରତିଦିନ ତାଙ୍କର ଷାଠିଏ ପଉଟି ଭୋଗ ମଣୋହୀ ହୁଏ। କେହି କେହି ଭକ୍ତ ତାଙ୍କୁ ଶ୍ରଦ୍ଧାରେ ‘ବଡ଼ଖିଆ’ ବୋଲି ସମ୍ବୋଧନ କରିଥାନ୍ତି। ଖୋଦ କାର୍ତ୍ତିକ ମାସରେ ପଠନ କରାଯାଉଥିବା ‘ଲକ୍ଷ୍ମୀ ପୁରାଣ’ରେ ବଳରାମ ଦାସ ପ୍ରଭୁ ବଳଦେବଙ୍କ ମୁହଁରେ ଏହାର ସୂଚନା ଦେଇଛନ୍ତି - ‘ବଳରାମ କହୁଛନ୍ତି ଶୁଣ ଜଗନ୍ନାଥ, ବଡ଼ଖିଆ ବୋଲି ତୋତେ କହନ୍ତି ଜଗତ’। ଓଡ଼ିଶାର ସୁବିଖ୍ୟାତ ପାଲାଗାୟକ ସ୍ୱର୍ଗତଃ ହରିନାଥ ଦେବ ଅତି ଲଳିତ କଣ୍ଠରେ ଗାନ କରୁଥିଲେ - ‘ଦିନକୁ ଖାଉଛି ଷାଠିଏ ପଉଟି, ବୁଦ୍ଧି ହେଲା ତାର ବାମ, ଜଗତେ ବୋଲନ୍ତି ବଡ଼ଖିଆ ବୋଲି ବଡ଼ଖିଆ ତାର ନାମ’। ମହାପ୍ରଭୁଙ୍କ ସକାଳୁ ଗୋପାଳ ବଲ୍ଲଭ ଭୋଗରୁ ଯେଉଁ ମଣୋହୀ ଆରମ୍ଭ ହୋଇଥାଏ ରାତିର ବଡ଼ସିହଂହାର ଭୋଗରେ ଶେଷ ହେବା ଯାଏ ଶ୍ରୀମନ୍ଦିରରେ ନୀତି ଛଅଥର ଭୋଗ ଲାଗି ହୁଏ। ଭୋଗର ଆକାର ଷାଠିଏ ପଉଟି ଏବଂ ପ୍ରକାର ଛପନ। କେହି କେହି ଏହାକୁ ଛପନ ଭୋଗ ମଧ୍ୟ କହିଥାନ୍ତି।

ବଡ଼ ବିଚିତ୍ର ଠାକୁର ଶ୍ରୀଜଗନ୍ନାଥ। କଳିଯୁଗରେ ନୀଳାଚଳବାସୀ ପ୍ରଭୁ ଲୀଳାମୟଙ୍କ ଲୀଳା ଅବ୍ୟକ୍ତ। ମହାପ୍ରଭୁଙ୍କ ନିତିଦିନିଆ ମାନବୀୟ ଲୀଳା ଭିତରେ ମହାପ୍ରସାଦ ନୀତି ଅନ୍ୟତମ ଓ ପ୍ରମୁଖ। କିନ୍ତୁ ଯେଉଁ ରନ୍ଧା ଖାଦ୍ୟ ପ୍ରଭୁଙ୍କ ନିକଟରେ ସମର୍ପିତ ବା ନିବେଦିତ ହୋଇଥାଏ ଏହା ହିଁ ମହାପ୍ରସାଦ। ଷଡ଼ାଙ୍ଗ ସଂସ୍କାର ଦ୍ୱାରା ଅନ୍ନ ପ୍ରସାଦରୁ ଅନ୍ନତ୍ୱ ବାହାର କରାଯାଇ ତହିଁରେ ଦେବତ୍ୱ ଆରୋପ କରାଯାଇଥାଏ। ମହାପ୍ରସାଦ ପ୍ରସ୍ତୁତି ପୂର୍ବରୁ ବୈଷ୍ଣବାଗ୍ନି ସଂସ୍କାର କରାଯାଇଥାଏ। ଉକ୍ତ ସଂସ୍କାର ସାଧାରଣତଃ ନବଚକ୍ର ଯନ୍ତ୍ର ଉପରେ ହିଁ ହୋଇଥାଏ। ପୁନଶ୍ଚ ମହାପ୍ରଭୁଙ୍କ ରୋଷଶାଳାରେ ଚୁଲାରେ ଛଅଗୋଟି ଝିଙ୍କା ଥାଏ। ଉକ୍ତ ଛଅଗୋଟି ଛିଙ୍କା ହୋଇଛି ଷଟ୍ ତ୍ରିକୋଣାତ୍ମକ ଅଗ୍ନିଚକ୍ର। ଏଥିରେ ଏକାଥରେ ନଅଗୋଟି କୁଡୁଆ ବସିପାରେ। ଏହି ନଅ ହେଉଛି ମହାପ୍ରସାଦର ମହତ୍ୱ, ଯାହା ନବଧା ଭକ୍ତିର ପ୍ରତୀକ। ଚତୁର୍ଥରେ ଶାସ୍ତ୍ରାନୁଯାୟୀ ମାଆ ଲକ୍ଷ୍ମୀ ସ୍ୱୟଂ ଶ୍ରୀମନ୍ଦିରରେ ରନ୍ଧନ କରିଥାନ୍ତି। ସୁତରାଂ ମା’ଲକ୍ଷ୍ମୀଙ୍କର ସ୍ୱହସ୍ତ ରନ୍ଧନ ପଦାର୍ଥ ହିଁ ମହାପ୍ରସାଦ।

ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତି ପାଇଁ ଅଗ୍ନିକୋଣରେ ରହିଛି ସ୍ୱତନ୍ତ୍ର ରୋଷଘର। ପ୍ରତ୍ୟେକ ଦିନ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଉଦ୍ଦେଶ୍ୟରେ ମହାପ୍ରସାଦ ପ୍ରସ୍ତୁତ କରାଯାଉଛି। ମୁଖ୍ୟ ରୋଷଘରେ ରହିଛି ୨୪୦ଟି ଚୁଲି ୧୭୫ଟ ଅନ୍ନ ଚୁଲି, ୪୫ଟି ଡାଲି ତରକାରି ଚୁଲି ଓ ୨୦ଟି ପିଠା ଚୁଲି ରହିଛି। ପ୍ରତିଦିନ ମହାପ୍ରସାଦ ୩-୪ ଜଣ ସୁଆର ସେବକ ନିୟୋଜିତ ହୁଅନ୍ତି। ଏହା ବ୍ୟତୀତ ପରିବା କାଟିବା, ପାଣି ଯୋଗାଇବା, କାଠ ବୋହିବା, କୁଡୁଆ ବୋହିବା, ନଡ଼ିଆ କୋରେଇବା ପାଇଁ ଅନ୍ୟୁନ ପାଞ୍ଚ ଶହ ଅଣସେବକ ନିୟୋଜିତ ହୁଅନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପ୍ରାକ୍ତନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୁରେଶ ମହାପାତ୍ରଙ୍କ ‘ଶ୍ରୀମନ୍ଦିର କଥା’ ତଥ୍ୟ ମୁତାବକ, ମହାପ୍ରାସଦ ପ୍ରସ୍ତୁତି ପାଇଁ ପ୍ରାୟ ୧୫୦୦ ସେବକ ନିୟୋଜିତ ହୁଅନ୍ତି। ଏକକାଳୀନ ୨୪୦ ଚୁଲି ଜଳୁଥିବାରୁ ଅତ୍ୟଧିକ ତାପରେ ସେବକମାନଙ୍କୁ ଅମୁଣିଆ ପ୍ରସାଦ ପ୍ରସ୍ତୁତ କରିବାକୁ ପଡ଼େ। ଖାଲି ପାଦରେ ଏବଂ ଖାଲି ଦେହରେ ଓଦା ଗାମୁଛା ଢ଼ାଙ୍କି ହୋଇ ସେବା ଦେଇଥାନ୍ତି। ପ୍ରତ୍ୟେକ ନ ଗୋଟେ ଧୂପରେ ଦୁଇ ଘଣ୍ଟା ମଧ୍ୟରେ ପ୍ରାୟ ୨୫ ହଜାର ଭକ୍ତଙ୍କୁ ଦୃଷ୍ଟିରେ ରଖି ମହାପ୍ରସାଦ ପ୍ରସ୍ତୁତ କରାଯାଏ। ଅନ୍ନ ଚୁଲି ପ୍ରାୟ ୩ ଫୁଟ ଉଚ୍ଚର। ଏହା ଉପରେ ସାଧାରଣତଃ ୬ଟି ଛିଙ୍କା ଥାଏ। ୯ଟା କୁଡୁଆ ଏହା ଉପରେ ରଖି ଅନ୍ନ ପ୍ରସ୍ତୁତ କରାଯାଏ। ମୁଖ୍ୟତଃ ସେରେକିଆ କୁଡୁଆରେ ୧୨୫୦ ଗ୍ରାମର ଚାଉଳ ଗୋଟିଏ ଲେଖାଏଁ ମାଟି ହାଣ୍ଡିରେ ରୋଷ ପ୍ରସ୍ତୁତ ହୁଏ। ଚାଉଳ ସିଝିବା ପରେ ଏହି ସେରେକିଆ କୁଡୁଆ ତଳେ ଏକ ଛିଦ୍ର କରି ପେଜ କଢ଼ାଯାଏ। ପେଜ ନଳା ଦେଇ ଏହି ପେଜ ବାହାରକୁ ବାହାରିଥାଏ। ଏହାପରେ ଉକ୍ତ କୁଡୁଆରୁ ଅନ୍ନ ବାଇହାଣ୍ଡିକୁ ଖାଲି କରାଯାଏ। କୁଡୁଆ ଚୁଲିରୁ ଉଠାଇବା ପାଇଁ ଦଉଡି ଓ ଡଙ୍କିର ବ୍ୟବହାର କରାଯାଏ। ଡାଲି ଓ ତରକାରି ପାଇଁ ୯ଫୁଟ ଲମ୍ବ ଓ ୩ଫୁଟ ଚଉଡାରେ ଚୁଲି ରହିଛି। ଅନ୍ନ ଚୁଲିରୁ ବାହାରୁଥିବା ଅଙ୍ଗାର ଏଥିରେ ବିଛେଇ ରଖାଯାଏ। ତା ଉପରେ ଡାଲି ତରକାରି କୁଡୁଆ ରଖି ତାକୁ ତାଳପତ୍ର ବିଛଣାରେ ନିୟମିତ ବିଞ୍ଚି ୧୫-୨୦ ମିନିଟ ରନ୍ଧାଯାଏ। ଡାଲି ତରକାରି ଘଣ୍ଟା ଯାଏନାହିଁ। ୧୫-୨୦ ମିନିଟ ମଧ୍ୟରେ ଏହା ପ୍ରସ୍ତୁତ ହୋଇଥାଏ। ୨୦ଟି ଚୁଲିରେ ବିଭିନ୍ନ ପର୍ବପର୍ବାଣୀ ଓ ନିୟମିତ ପିଠା ପ୍ରସ୍ତୁତ କରାଯାଏ।

ଆଜିର ଆମେ ଯେଉଁ ମହାପ୍ରସାଦ ପାଉଛେ ପୂର୍ବରୁ ଏହା ନଥିଲା। ଗବେଷକ ଭିକାରୀ ଚରଣ ମହାପାତ୍ରଙ୍କ ତଥ୍ୟ ଅନୁଯାୟୀ ସର୍ବପ୍ରଥମେ ସୁଗନ୍ଧଯୁକ୍ତ ପୁଷ୍ପ ହିଁ ଥିଲା ମହାପ୍ରଭୁଙ୍କ ନୈବେଦ୍ୟ ଓ ସେ ସମୟର ମହାପ୍ରସାଦ। ଏହାପରେ ଶୁଖିଲା ଭୋଗ ଯାହାକୁ ନଶଙ୍ଖୁଡ଼ି ଭୋଗ କୁହାଯାଏ ଏହା ହିଁ ଥିଲା ମହାପ୍ରସାଦ। କିନ୍ତୁ ଯଜାତି କେଶରୀ ପ୍ରଥମଙ୍କ ରାଜତ୍ୱ ସମୟରେ ଅର୍ଥାତ୍ ଷଷ୍ଠ ଶତାବ୍ଦୀରେ ମହାପ୍ରଭୁଙ୍କ ରନ୍ଧାଖାଦ୍ୟ ବା ଶଙ୍ଖୁଡ଼ି ଭୋଗ ବ୍ୟବସ୍ଥା ପ୍ରଚଳିତ ହୋଇଥିଲା। ପ୍ରତ୍ୟେକ ଭକ୍ତର ସଂକଳ୍ପ ଥାଏ ମହାପ୍ରସାଦ ଟିକିଏ ପାଇବା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,
E-mail : niityou001@gmail.com



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସୂଚନା ଫଳକ ବିନା ଚାଲିଛି ପୋଲ ଓ ଡ୍ରେନ ନିର୍ମାଣ କାର୍ଯ୍ୟ, ନିମ୍ନମାନର କାମ ଅଭିଯୋଗ



ରାଇଘର, (ମହାଭାରତ) : ସରକାରୀ ନିୟମ ଅନୁଯାୟୀ ଯେକୌଣସି ନିର୍ମାଣ କାର୍ଯ୍ୟ ସ୍ଥଳରେ ପ୍ରକଳ୍ପର ନାମ, ବ୍ୟୟ ଅଟକଳ, କାର୍ଯ୍ୟାଦେଶ ସଂଖ୍ୟା, ଠିକାଦାରଙ୍କ ନାମ ଏବଂ କାର୍ଯ୍ୟ ଅବଧି ସମ୍ବଳିତ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। କିନ୍ତୁ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ହଳଦୀ ପଞ୍ଚାୟତର ମନ୍ଦିରପାରା ଗ୍ରାମରେ ଚାଲିଥିବା ପୋଲ ଓ ଡ୍ରେନ ନିର୍ମାଣ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନଥିବା ବେଳେ କାମ ଜାରି ରହିଛି। ଫଳରେ ପ୍ରକଳ୍ପର ବିବରଣୀ ସମ୍ପର୍କରେ ସାଧାରଣ ଲୋକ ଅବଗତ ହୋଇପାରୁ ନାହାନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ହଳଦୀ ପଞ୍ଚାୟତକୁ ଯିବା ମୁଖ୍ୟ ରାସ୍ତାରେ ପୋଲ ନିର୍ମାଣ ହେବା କଥା ଥିବାବେଳେ ତାହା ଅନ୍ୟତ୍ର ନିର୍ମାଣ କରାଯାଉଛି। ଯେଉଁ ସ୍ଥାନରେ ପୋଲର ଆବଶ୍ୟକତା ରହିଛି, ସେଠାରେ କାମ ନହୋଇ ଅନ୍ୟ ସ୍ଥାନରେ କାମ କରାଯାଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ନିକଟସ୍ଥ ଅଞ୍ଚଳରେ ଚାଲିଥିବା ଡ୍ରେନ ନିର୍ମାଣକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ଉଠିଛି। ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ହୋଇଥିଲେ ମଧ୍ୟ ଏହାର ଯୋଜନା ଓ ନିର୍ମାଣ ତ୍ରୁଟିପୂର୍ଣ୍ଣ ଥିବାରୁ ଡ୍ରେନର ପାଣି ଘର ଭିତରକୁ ପଶି ଜମି ରହୁଛି। ଏଥିରୁ ଦୁର୍ଗନ୍ଧ ସୃଷ୍ଟି ହେଉଥିବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାର ଆଶଙ୍କା ବଢ଼ିଛି। ଏହାଛଡ଼ା ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ନେଇ ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲ ଓ ଡ୍ରେନ ନିର୍ମାଣରେ ଲାଲ ରଙ୍ଗର ବାଲି ଓ ମାନ୍ୟତାପ୍ରାପ୍ତ ନୁହେଁଥିବା ସିମେଣ୍ଟ ବ୍ୟବହାର କରାଯାଉଥିବା ବେଳେ ସିମେଣ୍ଟର ଅନୁପାତ ମଧ୍ୟ ନିର୍ଦ୍ଧାରିତ ମାନଠାରୁ କମ୍ ରଖାଯାଉଛି। ବିଭାଗୀୟ ଯନ୍ତ୍ରୀ ନିୟମିତ ଭାବେ ତଦାରଖ ପାଇଁ ଆସୁନଥିବାରୁ ଠିକାଦାର ମନମୁଖୀ ଭାବେ କାମ କରୁଥିବା ଅଭିଯୋଗ ହୋଇଛି।ସୂଚନା ଫଳକ ନ ଲଗାଇବା, ନିମ୍ନମାନର କାର୍ଯ୍ୟ ଏବଂ ଜନସାଧାରଣଙ୍କ ସୁବିଧାକୁ ଅବହେଳା କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ୁଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କେନ୍ଦ୍ରର ୧୨ ବର୍ଷ ଓ ରାଜ୍ୟର ୨ ବର୍ଷ ପୂର୍ତ୍ତି ଅବସରରେ ଭାଜପାର ସାମ୍ବାଦିକ ସମ୍ମିଳନୀ



ଜୁନାଗଡ଼(ମହାଭାରତ) ୧୯/୦୬/କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ହୋଟେଲ ଓରିଅନ ଠାରେ ଭାଜପା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।ଏହି ସମ୍ମିଳନୀରେ ଭାଜପାର ୧୨ ବର୍ଷ ଓ ଓଡିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତିରେ ଅନେକ ବିକାଶ ହୋଇଥିବା ଭାଜପା ନେତୃତ୍ୱ ପ୍ରକାଶ କରିଥିଲେ।ସୁଭଦ୍ରା ଯୋଜନା, ଧାନର ଆଠଶହ ସବସିଡି ବୃଦ୍ଧି, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା, ଇନ୍ଦ୍ରାବତୀ କେନାଲର ସୁଧରୁଢ଼ି କରଣ, ପ୍ରତ୍ୟେକ ବ୍ଲକରେ ଷ୍ଟାଡିଅମ ନିର୍ମାଣ, ପିଏମ ସୂର୍ଯ୍ୟଘର, ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା, ଭାରତ ମାଳା ଯୋଜନା, ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ, ପିଏମ ଶ୍ରୀ ବିଦ୍ୟାଳୟ, ଆୟୁଷ୍ମାନ ଭାରତ, ପିଏମ ସୁନିଦ୍ଧି ଯୋଜନା, ଆଦି ଅନେକ ଯୋଜନା ବିଷୟରେ ତଥ୍ୟ ଉପସ୍ଥାପନା କରିଥିଲେ।ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର,ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, ଜିଲ୍ଲା ଭାଜପା ସଭାପତି ଯୁଗଳ ପୋଢ଼,ଭାରତ ଦେଓ, ଜିଲ୍ଲା ଉପସଭାପତି ମୁକେଶ ଅଗ୍ରୱାଲ, ବରିଷ୍ଠ ନେତା ମନୋଜ ମେହେର, ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ଭବସିନ୍ଧୁ ମଙ୍ଗରାଜ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କାଞ୍ଚନ ବାଗ, ରାଜ୍ୟ ପରିଷଦ ସଭ୍ୟ କାଳିନ୍ଦୀ ପାଣିଗ୍ରାହୀ ପ୍ରମୁଖ ମଞ୍ଚରେ ଆସିନ ଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ହିମାଂଶୁ ବରାଡ଼,ଟଙ୍କ ନାଏକ, ସୁଧାଂଶୁ ବରାଡ଼, ଜଗା ମହାନ୍ତି, ପିତାମ ପାତ୍ର, ଶୈଳେନ୍ଦ୍ର ପାତ୍ର, ସୁରେଶ ବାଗ, ଶିଶିର ପଟ୍ଟନାୟକ, ପ୍ରେମ ଭୋଇ, ଶିବରାମ ରାଉତ, ପ୍ରମୁଖ ଦଳୀୟ ନେତୃବୃନ୍ଦଙ୍କ ସହ ଅନେକ ବୁଦ୍ଧିଜୀବି ଉପସ୍ଥିତ ଥିଲେ।

## ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା

ଗଣିଆ,୧ (ମହାଭାରତ): ଗାଣିଆ ବ୍ଲକ ଅଧିନସ୍ଥ ବେଲପଡ଼ାପାଟଣା ଗ୍ରାମର ଆରାଧ ଦେବତା ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହଙ୍କ ମନ୍ଦିର ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା । ବେଲପଡ଼ା ପାଟଣା ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମ ଚଳିତ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି ଇଂରାଜୀ ଜୁନ୍ ୧୮ ତାରିଖ (ଗୁରୁବାର) ଠାରୁ ଆରମ୍ଭ ହୋଇ ଆସନ୍ତା ଜୁନ୍ ୨୫ ତାରିଖ (ଗୁରୁବାର) ପର୍ଯ୍ୟନ୍ତ ଦୀର୍ଘ ଆଠ ଦିନ ଧରି କାର୍ଯ୍ୟକ୍ରମ ଚାଲୁ ରହିବ କ୍ଷ ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ମାନାସ୍ପଦ ଦଶପଲ୍ଲା ମହାରାଜା ଶ୍ରୀଶ୍ରୀ ଦିଗ୍ ?ବିଜୟ ଦେଓ ଭଞ୍ଜଙ୍କ କରକମଳରେ ସମ୍ପନ୍ନ ହେବାର କାର୍ଯ୍ୟସୂଚୀ ରହିଛି। ସୂଚନା ଅନୁଯାୟୀ, ଏହି ଆଠ ଦିନ ମଧ୍ୟରେ ବିଭିନ୍ନ ପ୍ରକାରର ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବକ୍ଷ ର ବ୍ୟବସ୍ଥା ରହିଅଛି କ୍ଷ ଗୁରୁବାର ଦିନ ଅଙ୍କୁରାରୋପଣ କାର୍ଯ୍ୟ ସହ ଶୁକ୍ରବାର ଦିନ ଭବ୍ୟ କଳସଯାତ୍ରାର ଆୟୋଜନ କରାଯାଇଥିଲା । ଗ୍ରାମର ସମସ୍ତ ଭକ୍ତଙ୍କ ସହ ମହିଳା ମାନେ ରାଉତପଡା ସ୍ଥିତ ମହାନଦୀ ରୁ ବିଧିପୂର୍ବକ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ଆରମ୍ଭ ହେକ୍ଷଇ ବେଲପଡା ଗ୍ରାମ ପରିକ୍ରମା କରି ଜଗନ୍ନାଥ ମନ୍ଦିର ଠାରେ ପହଂଚିଥିଲେ କ୍ଷ ଏହି ଭବ୍ୟ ଉତ୍ସବ ରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ପ୍ରଭୁ ଜଗନ୍ନାଥ ଙ୍କ କୃପା ଭିକ୍ଷା କରିଥିଲେ । ଆସନ୍ତା ଶନିବାର ମନ୍ଦିର ସ୍ନାନ ଓ ପାର୍ଶ୍ୱ ଦେବତା ସ୍ଥାପନ ପରେ ରବିବାର ଦିନ ମୁଖ୍ୟ ମନ୍ଦିର ପ୍ରତିଷ୍ଠା, ବିଗ୍ରହଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ସମ୍ପନ୍ନ ହେବ। ସୋମବାର ଠାରୁ ଅଷ୍ଟପ୍ରହର ହରିନାମ ସଂକୀର୍ତ୍ତନ ଏବଂ ମଙ୍ଗଳବାର ଅଖଣ୍ଡ ହନୁମାନ ଚାଳିଶା ପାଠ କରାଯିବ। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ଓଡ଼ିଶାର ବିଶିଷ୍ଟ କଳାକାର ଓ ପ୍ରବକ୍ତାମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଆସନ୍ତା ବୁଧବାର ସନ୍ଧ୍ୟା ୭ ଘଟିକାରେ ଓଡ଼ିଶାର ସୁନାମଧନ୍ୟ ଚଳଚ୍ଚିତ୍ର ସଂଗୀତଜ୍ଞ ସୁବାଷ ଦାଶଙ୍କ ଦ୍ୱାରା ଏକ ଭକ୍ତିପୂତ ଭଜନ ସମାରୋହ ଅନୁଷ୍ଠିତ ହେବ। ସେହିପରି ଅନ୍ତିମ ଦିବସ ଅର୍ଥାତ୍ ଗୁରୁବାର ସନ୍ଧ୍ୟାରେ ଦୂରଦର୍ଶନ ପ୍ରାର୍ଥନା ଚ୍ୟାନେଲ୍ ?ର ପ୍ରସିଦ୍ଧ ପ୍ରବକ୍ତା ମନୋଜ ପ୍ରଧାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ସହ ପୁରୀର ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଓ ଗବେଷକ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ମଧ୍ୟ ଏହି ମହୋତ୍ସବରେ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ଯୋଗଦେବେ। ମହୋତ୍ସବକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଓ ଜଗନ୍ନାଥପ୍ରେମୀ ଜନସାଧାରଣଙ୍କ ପାଇଁ ପ୍ରତ୍ୟେକ ଦିନ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ଓଡିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ବାର୍ତ୍ତା



ପରଜଙ୍ଗ, (ମହାଭାରତ) : ଢେ଼ଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶ ର ଧାରା ଓଡ଼ିଶାରେ ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବିଧାୟକ ଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା ର ବିଭିନ୍ନ ଯୋଜନା ସଂଖ୍ୟାଲଘୁ, ଅନୁସୂଚିତ ଜାତି, ଜନଜାତି ଓ ଅନଗ୍ରସର ବର୍ଗଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରକାର ଯୋଜନା ରହିଛି,ସାଧାରଣ ରେ ଅବଗତ କରାଇବା ସହ ପରଜଙ୍ଗ ବ୍ଲକରେ ଏହି ଯୋଜନା ଦ୍ୱାରା ଉପକୃତ ହୋଇଥିବା ହିତାଧିକାରୀଙ୍କ ବିଷୟରେ ସୂଚନା ଦିଆଯାଇଥିଲା। ଶିକ୍ଷା, ଗମନା ଗମନ, ପାନୀୟ ଜଳ ଯୋଗାଣ, ଜଳ ସଂରକ୍ଷଣ, ଗ୍ରାମୀଣ ଭିତ୍ତିଭୂମି ର ବିକାଶ ଓ ଏହାର ରକ୍ଷଣ ବେକ୍ଷଣ, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି ଲୋକାଭିମୁଖୀ ଯୋଜନା ଗୁଡିକ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସାଧାରଣ ଜନତା ଙ୍କୁ ଅବଗତ କରାଇବା। ଏହି ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ ରେ ବ୍ଲକ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ,ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତ,ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର ପ୍ରଥମେ ଆରାଧ୍ୟ ଦେବତା ଜଗନ୍ନାଥ ଙ୍କୁ ଧୂପ, ଦ୍ୱିପ ସହ ମାଲ୍ୟାର୍ପଣ କରି ମଞ୍ଚାଷିନ ହୋଇଥିଲେ। ସମସ୍ତ ସରକାରୀ କର୍ମଚାରୀଙ୍କ ସହିତ ସି ଆର୍ ପି, ଅଙ୍ଗନୱାଡି କର୍ମୀ, ହିତାଧିକାରୀ ଓ ସରପଞ୍ଚ ମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ମଞ୍ଚାଶିନ ଅତିଥି ମାନେ ସମସ୍ତ ଅଙ୍ଗନୱାଡି କର୍ମୀ ମାନଙ୍କୁ ମୋବାଇଲ ପ୍ରଦାନ କରିବା ସହ ବ୍ଲକ ର ହିତାଧିକାରୀଙ୍କୁ ଅନ୍ତୋଦୋୟ, ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ଭତ୍ତା ଏବଂ ସଫଳ ସ୍ୱଂୟ ସହାୟକ ଗୋଷ୍ଠୀ ମାନଂକୁ ବିନା ସୁଧରେ ଚେକ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସଫଳ ଓ ସୁଚାରୁ ରୁପେ ଏ ବିଡିଓ ରଣଜିତ ଜେନା ମଞ୍ଚ ପରିଚାଳନା କରିଥିଲେ।

## ବିଶ୍ୱନାଥପୁରାରେ ନିଆରା ପରମ୍ପରା ଶୀତଳ ଷଷ୍ଠୀ

ବାଲିପାଟଣା, (ମହାଭାରତ) : ବାଲିପାଟଣା ବିଶ୍ୱନାଥପୁର ସ୍ଥିତ ବାଲୁଙ୍କେଶ୍ୱରଙ୍କ ଚଳନ୍ତି ପ୍ରତିମା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ସହ ଜଗତଜନନୀ ମାତା ଦୁର୍ଗାଦେବୀଙ୍କ ପବିତ୍ର ଦିବ୍ୟ ବିବାହ ମହୋତ୍ସବ ଅତ୍ୟନ୍ତ ଆଧାତ୍ମିକ ପରିବେଶ ଓ ଧୂମଧାମରେ ସମ୍ପନ୍ନ ହୋଇଯାଇଛି। ଚଳିତ ବର୍ଷ ଏହି ପାରମ୍ପରିକ ଉତ୍ସବକୁ ନେଇ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିବା ବେଳେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।ବିବାହ ଉତ୍ସବ ଅବସରରେ ଚନ୍ଦ୍ରଶେଖରଦେବଙ୍କ ଏକ ଭବ୍ୟ ବରଯାତ୍ରୀ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପୁରାଣ ସଦୃଶ ଏହି ବରଯାତ୍ରୀ ଦଳରେ ବିଭିନ୍ନ ଦେବଦେବୀଙ୍କ ସ୍ୱରୂପ, ବିଭିନ୍ନ ବେଶଧାରୀ କଳାକାର, ଶଙ୍ଖ ବାଦନ, ମହୁରୀ, ଢୋଲ ଏବଂ ପାରମ୍ପରିକ ଓଡ଼ିଶୀ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଏହା ସହିତ ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ନୃତ୍ୟ, ସମ୍ବଲପୁରୀ ବାଦ୍ୟ ଏବଂ ବାଳକାଟି ଘଣ୍ଟୁଆ ଦଳର ପ୍ରଦର୍ଶନ ଶୋଭାଯାତ୍ରାକୁ ବେଶ୍ ଆକର୍ଷଣୀୟ କରିଥିଲା। ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା। ବରପକ୍ଷ ଓ କନ୍ୟାପକ୍ଷଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନେ ବରଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।ମଧ୍ୟରାତ୍ରିରେ ଦକ୍ଷିଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଥିବା ବିବାହ ମଣ୍ଡପରେ ବୈଦିକ ମନ୍ତ୍ରୋଚାରଣ, ହୋମ-ଯଜ୍ଞ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରଭୁ ଚନ୍ଦ୍ରଶେଖର ଦେବ ଓ ମାତା ଦୁର୍ଗାଙ୍କ ଦିବ୍ୟ ବିବାହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ପୂଜକ ଲକ୍ଷ୍ମଣ ପଣ୍ଡା ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ।ଉତ୍ସବରେ ବରପିତା ଭାବେ ପ୍ରଭାତ କୁମାର ପାଣିଗ୍ରାହୀ ଏବଂ କନ୍ୟାପିତା ଭାବେ ବିଭୂତି ଭୂଷଣ ପାଣିଗ୍ରାହୀ ଓ ବିରଞ୍ଚି ନାରାୟଣ ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଅଞ୍ଚଳର ହାପି ଜେନା, ରବି ଜେନା, ବାଲୁଙ୍କି ଜେନା, ଏବଂ ରବି ନାରାୟଣ ସାହୁ ପ୍ରମୁଖ ବ୍ୟକ୍ତିବିଶେଷ କନ୍ୟାପିତା ଓ ବରପିତାଙ୍କ ସହ ସାଜି ବିବାହର ସମସ୍ତ ଦାୟିତ୍ୱ ଓ ଲୌକିକ ପ୍ରଥା ସଫଳତାର ସହ ସମ୍ପାଦନ କରିଥିଲେ।

## ଆରଏମସି ଅଫିସ ସମସ୍ୟା ଘେରରେ, ସୁଧିରିବ କେବେ ?

କାକଟପୁର, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜଗଉ ଅଫିସ ସମସ୍ୟା ଘେ ର ରେ ଥିବା ଦେଖିବାକୁ ମିଳିଛି। ଏଠାରେ କର୍ମ ଚାରି ଦୀର୍ଘ ଦିନ ହେଲା ବଦଳି ହଉ ନାହାନ୍ତି। ଜଙ୍କମ ସଂପାଦକ ପଦବୀ ଖାଲି ପଡ଼ିଛି। ହାଟ ରୁ ଠିକ୍ ରାଜସ୍ୱ ହଉନଥିବାର୍ ଅଭିଯୋଗ ହଉଛି। ସରକାର ଙ୍କ ଅନୁଦାନ ଠିକ୍ ବିନି ଯୋଗ ହୋଇ ପାରୁ ନାହିଁ। ଗେଟ୍ ଥାଇ ନୂତନ ଗେଟ ଲଗାଇବା ଏହି ଭଳି ବିଭିନ୍ନ ଆଳ ଦେଖାଇ ସରକାରୀ ପଇସା ଖର୍ଚ୍ଚ କରାଯାଉଥିବାର ଦେଖିବାକୁ ମିଳିଛି।

## ସ୍ୱର ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ପାଳନ



ପାରାଦୀପ, (ମହାଭାରତ) : ପାରାଦୀପର କଲେଜ ରୋଡ଼ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ସ୍ୱର (ଷ୍ଟ୍ରଙ୍ଗ ଓମେନ ଆସୋସିଏସନ ଫର ରିଫରମେସନ) ସଂଗଠନ ଓ ଭାଷା, ସଂସ୍କୃତି, ଓଡିଶା ସରକାର ଙ୍କ ତରଫରୁ ପ୍ରକୃତି ଓ ସଂସ୍କୃତିର ଗଣ ପର୍ବ ରଜ ମହୋତ୍ସବ ପାଳନ କରାଯାଇ ଥିଲା । ସ୍ଥାନୀୟ ମହିଳା ମାନେ ବିଭିନ୍ନ ପ୍ରତିଯୋଗିତା ଯଥା ହୁଳହୁଳି, ପୁଚି, ପିଠା ଓ ଝୋଟି ର ପ୍ରତିଯୋଗିତାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଶୁ ସୁରକ୍ଷା ଅଧିକାର ଆୟୋଗର ସଦସ୍ୟା ଚନ୍ଦନା ଦାସ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସମାଜସେବୀ ପ୍ରେମଲତା ବାରିକ, ସ୍ୱର ସଂଗଠନ ର କୋଷାଧାକ୍ଷା କ୍ରିଷ୍ଣା ଅଗ୍ରୱାଲ ଓ ସକ୍ରିୟ ସଦସ୍ୟା ପୁଣ୍ୟତୟା ଠାକୁର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱରର ଡେଭେଲପମେଣ୍ଟ ଟ୍ରେନିଂ ସେଣ୍ଟର ପାରାଦୀପ ଶାଖାର ସଂଯୋଜିକା ପ୍ରୀତିରେଖା ନାୟକ ଅଧକ୍ଷତା କରିଥିଲେ। ମହିଳା ମାନେ ଘରର କାମ ସହିତ ନିଜର ସ୍ୱାସ୍ଥ୍ୟ, ସୁରକ୍ଷା, ଶିକ୍ଷା, ସ୍ୱରୋଜଗାର ଉପରେ ଗୁରୁତ୍ୱ ଦେବାପାଇଁ ସଂଗଠନ ଆହ୍ୱାନ କରିଥିଲା। କାର୍ଯ୍ୟକ୍ରମ ଶେଷ ରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଧୁମ ଧାମରେ ସମ୍ପନ୍ନ ହେଲା ପ୍ରଭୁ ପାରେଶ୍ୱରଙ୍କ ବିବାହ

ପାରାଦୀପ, (ମହାଭାରତ) : ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଦେବ ଦମ୍ପତି ଙ୍କ ବିବାହ କାର୍ଯ୍ୟ ମହା ଆଡମ୍ବର ସହକାରେ ସମାପନ କରାଯାଇଛି । ବଡ଼ପଡ଼ିଆ ସ୍ଥିତ ମା ଶାରଳା ଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ପାରେଶ୍ୱର ମହାଦେବ ମାନବୀୟ ଲୀଳା ମାଧ୍ୟମରେ ଏକ ସୁସଜ୍ଜିତ ପାଲିଙ୍କିରେ ବସି ଘଣ୍ଟ, ଘଣ୍ଟା, ମାଦଳ ଓ ସଂକୀର୍ତ୍ତନ ମଣ୍ଡଳୀ ସହ ଏକ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ମାନଙ୍କୁ ନେଇ ଏକ ବିରାଟ ପଟୁଆର ସହର ପରିକ୍ରମା କରି ନୂଆବଜାର ସ୍ଥିତ ହରିବୋଲିଆ ମଠ ପ୍ରାଙ୍ଗଣରେ ଥିବା ମହାକାଳେଶ୍ୱର ମନ୍ଦିରକୁ ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଓ ପଣା ଭୋଗ ବଣ୍ଟନ କରାଯାଇଥିଲା । ସେଠାରୁ ଶୋଭାଯାତ୍ରା ନୂଆବଜାର କଲୋନୀ ଦେଇ ଶାରଳା ମନ୍ଦିର କୁ ପ୍ରତ୍ୟାବର୍ତ୍ତନ କରିଥିଲା। ସେଠାରେ ପହଞ୍ଚିବା ପରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବର ପିତା ମାତା ଭାବେ ଶରତ କୁମାର ବରାଳ ଓ ତୁଳସୀ ବରାଳ ଏବଂ କନ୍ୟା ପିତା ମାତା ଭାବେ ମନୋଜ କୁମାର ମହାନ୍ତି ଓ ସ୍ୱାଗତିକା ମହାନ୍ତି ବିବାହ ବେଦିରେ ଅଭିଜ୍ଞ ପଣ୍ଡିତ ମାନଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ଦେବ ଦେବ ମହାଦେବଙ୍କ ବିବାହ କାର୍ଯ୍ୟ ମାତା ପାର୍ବତୀଙ୍କ ସହ ସମାପନ କରାଇଥିଲେ । ଏହା ପରେ ସମସ୍ତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ମନ୍ଦିରର ସଭାପତି ଅମରେଶ ରାଉତରାୟ, (ବୁବୁ) ଙ୍କ ସହ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସର୍ବଶ୍ରୀ କର୍ମେଶ୍ୱର ସ୍ୱାଇଁ, ସବ୍ୟସାଚୀ ମହାପାତ୍ର, ଜୟନ୍ତ କୁମାର ଦାସ, ତାପସ ପରିଜା, ନବଘନ ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ନିତ୍ୟାନନ୍ଦ ମହାପାତ୍ର, ଚନ୍ଦନ ପାଣି, ମନୋଜ ସ୍ୱାଇଁ, ଅଭିମନ୍ୟୁ ସାହୁ, ଶିବ ପ୍ରସାଦ ବାରିକ, ଅନିରଣ ସାହୁ (ମଣ୍ଟୁ ), ମନୋଜ କୁମାର ମହାପାତ୍ର, ଅରୁଣ କୁମାର ଲେଙ୍କା, ସଂଜୀବ କୁମାର ନାୟକ,ମନ୍ଦିର ପୂଜକ ସଚ୍ଚିନ କୁମାର ପାଢ଼ୀ, ପ୍ରଫୁଲ୍ଲ କୁମାର ଦାଶ, ଜ୍ଞାନ ରଞ୍ଜନ ଦାଶ ଓ ନାରାୟଣ ଦାଶ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ ।



## ଅନେକ ବୃଦ୍ଧ ବୃଦ୍ଧା ଭତ୍ତାରୁ ବଞ୍ଚିତ



ରାଇଘର, (ମହାଭାରତ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ସରକାର ବୃଦ୍ଧବୃଦ୍ଧାଙ୍କ ଆର୍ଥିକ ସୁରକ୍ଷା ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଜନା କାର୍ଯ୍ୟକରୀ କରିଥିଲେ ମଧ୍ୟ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ହଳଦୀ ପଞ୍ଚାୟତର ଫୁଟାନଡା ଗ୍ରାମରେ ଅନେକ ଯୋଗ୍ୟ ବୃଦ୍ଧ ବୃଦ୍ଧା ଏହି ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଅବହେଳା ଯୋଗୁଁ ଗରିବ ଓ ଅସହାୟ ଲୋକମାନେ ଭତ୍ତା ପାଇପାରୁ ନଥିବା ବୋଲି ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି।ଫୁଟାନଡା ଗ୍ରାମର ମନ୍ଦିରାପାରାର ବଳରାମ ହରିଜନ (୬୦), କବଳ ହରିଜନ (୭୦) ଏବଂ ଦ୍ରୌପଦୀ ବିନ୍ଧାଣି (୬୮) ବୟସ ସୀମା ପୂରଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଭତ୍ତା ପାଇନଥିବା ଜଣାପଡ଼ିଛି। ସେମାନେ ବାରମ୍ବାର ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ କରିଛନ୍ତି। ରାଇଘର ବ୍ଲକର ଅନେକ ପଞ୍ଚାୟତରେ ଏଭଳି ସମସ୍ୟା ଦେଖାଦେଇଥିବା ବେଳେ ଭତ୍ତା ନ ପାଇ ଅନେକ ଗରିବ ଓ ଅସହାୟ ଲୋକ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି। ସରକାରଙ୍କ ପକ୍ଷରୁ ମିଳୁଥିବା ରାସନ ଚାଉଳ ଉପରେ ନିର୍ଭର କରି ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି।ଭତ୍ତା ପାଇବା ଆଶାରେ ସମ୍ପୃକ୍ତ ବ୍ୟକ୍ତିମାନେ ହଳଦୀ ପଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ଆବେଦନପତ୍ର ଓ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ ବୋଲି ସେମାନେ କହିଛନ୍ତି।ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ସହ ଦୂର୍ଗମ ଅଞ୍ଚଳର ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଫୁଟାନଡା ଗ୍ରାମବାସୀ ଦାବି କରିଛନ୍ତି।

## ମାରଣାସ୍ତ୍ର ଦେଖାଇ ଯୁବତୀଙ୍କୁ ଅପହରଣ ଅଭିଯୋଗ

କାକଟପୁର, (ମହାଭାରତ) : କାକଟପୁର ବ୍ଲକ ବାଙ୍ଗୁରୀଗାଁ ପଞ୍ଚାୟତ କଣିହାଁ ଗ୍ରାମ ରୁ ଆସିଛି ଏକ ଚାଞ୍ଚଲ୍ୟ କରିବା ଭଳି ଘଟଣା, ଏହି ଗ୍ରାମ ରୁ ଜଣେ ଯୁବତୀଙ୍କୁ ଅପହରଣ କରାଯାଇଛି ବୋଲି କାକଟପୁର ଥାନାରେ ଅଭିଯୋଗ ହୋଇଛି, ସୂଚନା ଅନୁସାରେ ଏହି ଗ୍ରାମର କପିଳ ନାୟକ ଓ ସ୍ୱର୍ଣ୍ଣ ନାୟକଙ୍କ ସାନ ଝିଅ ରଶ୍ମିତା ନାୟକ ପିପିଲିରେ ଏକ ସପିଙ୍ଗ ମଲ ରେ ଏକ ବର୍ଷ ହେବ କାମ କରୁଥିଲେ, ସେଠି କୋହିନୁର ଖାନ ନାମକ ଜଣେ ଯୁବକଙ୍କୁ ବିବାହ କରିଥିଲେ। ତା ପରେ ରଶ୍ମିତା ଙ୍କ ପରିବାର ସମ୍ପୂର୍ଣ୍ଣ ରୂପେ ତାଙ୍କ ସହ ସମ୍ପର୍କ କାଟିଦେଇଥିଲେ। କିନ୍ତୁ ଗତ ୧୬ ତାରିଖରେ ରଶ୍ମିତାଙ୍କ ଭାଇ ରାଜେନ୍ଦ୍ର ଚେନାଇ ଯିବା ପାଇଁ ଭୁବନେଶ୍ୱର ଷ୍ଟେସନରେ ଥିଲେ। ରଶ୍ମିତା ତାଙ୍କ ଭାଇଙ୍କୁ କଲ୍ କରିଥିଲେ ଆଉ ଦେଖା କରିଥିଲେ। କହିଥିଲେ ମୋ ଜୀବନ ପ୍ରତି ବିପଦ ଅଛି ମୋତେ ଘରକୁ ନେଇଯାଅ। ସେଠି ଲୋକଙ୍କ ସହାୟତାରେ ରାଜେନ୍ଦ୍ର ରଶ୍ମିତାଙ୍କୁ ଉଦ୍ଧାର କରି ଗ୍ରାମକୁ ଆଣିଥିଲେ। କିନ୍ତୁ ୧୭ ତାରିଖ ରାତ୍ର ରେ ରଶ୍ମିତା ଙ୍କ ବାପା ଓ ଭାଇ ଜଣେ ବନ୍ଧୁ ଙ୍କ ଘରକୁ ଯାଇଥିଲେ ଘରେ ନଥିଲେ, ରଶ୍ମିତା ଓ ତାଙ୍କ ମା ଘରେ ଶୋଇଥିଲେ। ହଟାତ କିଛି ବ୍ୟକ୍ତି ହାତରେ ମାରଣାସ୍ତ୍ର ଦେଖାଇ ତାଙ୍କ ଝରକା କୁ ଭାଙ୍ଗି ରଶ୍ମିତାଙ୍କୁ ନେଇଯାଇଥିଲେ, ଯେଉଁ ଘଟଣା କୁ ନେଇ ରଶ୍ମିତା ଙ୍କ ମା ସ୍ୱର୍ଣ୍ଣ ନାୟକ କାକଟପୁର ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି ।

## କାମ ଉପରେ ଚାଲିଛି କାମ, ୨ଟି କାମରେ ଗୋଟିଏ ଫଳକ

ଲାଞ୍ଜିଗଡ, (ମହାଭାରତ ) : ପୋଖରୀ ପୁନରୁଦ୍ଧାରରେ ଯୋଜନା ନାଁରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଦୁର୍ଗମ ଅଞ୍ଚଳରେ ଏହି ଯୋଜନାରେ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ରାଶିକୁ ଚତୁରତାର ସହ ହେରଫେର କରାଯାଉଛି ।ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୁଷିତ ଲାଞ୍ଜିଗଡ ବ୍ଲକରେ। ବ୍ଲକରେ ଥିବା ୪ ଗୋଟି ପଞ୍ଚାୟତରେ ଜିଲ୍ଲା ପରିଷଦ କଳାହାଣ୍ଡି କେପିଟାଲ ଏସ୍ସେଟ ଯୋଜନାରେ ଟେଣ୍ଡର ହୋଇ ୧୦ଟି ମହାବନ୍ଧର ପ୍ରାୟ ୧ କୋଟି ଟଙ୍କାର ମହାବନ୍ଧର ପୁନରୁଦ୍ଧାର କାମ ଚାଲିଛି।କିଛି ସ୍ଥାନୀୟ ଲୋକ ଓ ଯନ୍ତ୍ରୀଙ୍କ ସହ ସଲାସୁତୁରା ହୋଇ କମ୍ କାମ କରାଇ ଠିକାଦାର ମାନେ ମିଥ୍ୟା ବିଲ୍ ଦର୍ଶାଇ ଲକ୍ଷାଧ ?ିକ ଟଙ୍କାର ହରିଲୁଟ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି।ଏଭଳି ଏକ ଅଭିଯୋଗ ଆସିଛି ଆଦିବାସୀ ଅଧୁଷିତ ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ପାଣିମୁଣ୍ଡା ଗାଁରେ ଥିବା ମହାବନ୍ଧର ପୁନରୁଦ୍ଧାର କାମରୁ।ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତର ପାଣିମୁଣ୍ଡା ଗାଁ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ଆର୍ଥିକ ୨୦୨୫-୨୬ ବର୍ଷ ଜିଲ୍ଲା ପରିଷଦ କଳାହାଣ୍ଡି ତରଫରୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଥିଲା।ଏହି କାମଟି ଗତ ୨୦୨୬ ମେ ୨୫ ତାରିଖରେ ଆରମ୍ଭ ହୋଇଥିବା ବେଳେ ଏବେ ସୁଦ୍ଧା କାମ ୮୦ ପ୍ରତିଶତ ସରିଛି।ବର୍ତ୍ତମାନ ଏହି କାମ ସମ୍ପୂର୍ଣ୍ଣ ନ ହେଉଣୁ ପୁଣି ଉକ୍ତ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ନୂତନ ଭାବେ ଆର୍ଥିକ ବର୍ଷ ୨୦୨୫-୨୬ ଜିଲ୍ଲା ପରିଷଦ କଳାହାଣ୍ଡି କେପିଟାଲ ଏସ୍ସେଟ ଯୋଜନାରେ ଟେଣ୍ଡର ହୋଇ ଉକ୍ତ ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିଛି।କିନ୍ତୁ ୧୫ ଦିନ ପୂର୍ବରୁ ମାତ୍ର ୪ ରୁ ୫ ଦିନ ଜେସିବି ମାଧ୍ୟମରେ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର କାମ କରି ଠିକାଦାର କାମ ବନ୍ଦ କରି ଚାଲିଯାଇଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି।ଏହା ବ୍ୟତୀତ ମହାବନ୍ଧକୁ ପଶୁଥିବି ପାଣିକୁ ମାଟି ପକେଇ ବନ୍ଦ କରିଦେଇଛି। ପୂର୍ବରୁ ଚାଲିଥିବା ୫ ଲକ୍ଷ ଟଙ୍କାର କାମରେ ସୂଚନା ଫଳକ ଲାଗିଥିବା ବେଳେ ଏହି ୧୦ ଲକ୍ଷ ଟଙ୍କା ଟେଣ୍ଡର କାମରେ କୌଣସି ସୂଚନା ଫଳକ ଲଗା ଯାଇନାହିଁ।ଗୋବର୍ଦ୍ଧନପୁର ପଞ୍ଚାୟତ ତଥା ଏହି କାମ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା ଦିନେ ମଧ୍ୟ କାମ ଦେଖିବା ପାଇଁ ଆସିନାହିଁ। ଆଜିକୁ ୫ ଦିନ ହେଲା ଗ୍ରାମବାସୀମାନେ କାମକୁ ନେଇ ଯନ୍ତ୍ରୀକୁ ଅଭିଯୋଗ କରିଥିଲେ ମଧ୍ୟ ଶୁଣୁନଥିବା କହିଛନ୍ତି।ମହାବନ୍ଧର ପୁନରୁଦ୍ଧାର କାମ ପାଇଁ ବର୍ତ୍ତମାନ ଗୋଟିଏ ଫଳକ ରହିଥିବା ବେଳେ ୨ ଗୋଟି କାମ କରାଯାଉଥିବା ଗାଁ ଲୋକେ କହୁଛନ୍ତି।ବର୍ତ୍ତମାନ ମୌସୁମୀ ବର୍ଷା ଆରମ୍ଭ ହୋଇଥିବା ବେଳେ ମହାବନ୍ଧରେ ବର୍ଷା ପାଣି ପଶିବା ସହିତ ବନ୍ଧ ହିଡରେ ମଣିଷ ଚାଲିବା କଷ୍ଟକର ହେଉଛି।ଏହି ପରିପ୍ରେକ୍ଷୀରେ କିପରି ମହାବନ୍ଧର ବକେୟା ଥିବା କାମ କରିପାରିବେ ବୋଲି ଗାଁ ଲୋକେ ପ୍ରଶ୍ନ କରିଛନ୍ତି।ପୁଣି ଉକ୍ତ ପଞ୍ଚାୟତର ଭାଲୁଚଅଁରା ଗାଁକୁ ଚାଲି ଯାଇ ସେଠାରେ ଥିବା ଅସ୍ଥାୟୀ ବନ୍ଧକୁ କୁଡିବା ଆରମ୍ଭ କରିଥିବା ବେଳେ ବର୍ଷା ଦିନରେ ବନ୍ଧ ଖୋଳିବାକୁ ଦେବୁନାହିଁ କହି ଭାଲୁଚଅଁରା ଗାଁ ଲୋକ ସେଠାରୁ ଘଉଡ଼ାଇ ଥିଲେ।ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାମ ନକରି ମିଥ୍ୟା ବିଲ କରି ଅର୍ଥ ହରିଲୁଟ ଉଦ୍ୟମ ଚାଲିଛି ବୋଲି ବି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ବାରମ୍ବାର ଲୋକଙ୍କ ଅଭିଯୋଗ ପରେବି ଦୁର୍ନୀତି ବିରୁଦ୍ଧରେ କୌଣସି ତଦନ୍ତ ହେଉନଥିବା ଯୋଗୁଁ ସରକାରଙ୍କ କୋଟି କୋଟି ଟଙ୍କା ସଠିକ କାର୍ଯ୍ୟରେ ନଲାଗି ଆତ୍ମସାତ କରାଯାଉଛି ବୋଲି ଚର୍ଚ୍ଚା ହେଉଛି।ଏନେଇ ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଦାଇତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବେହେରାଙ୍କୁ ପଚାରିବାରୁ ମୁଁ ଏହି ବାବଦରେ ଗାଁର ଭୋଇ ବାବୁଙ୍କ ସହିତ କଥା ହୋଇଛି।ବର୍ତ୍ତମାନ ବର୍ଷା ପାଣି ବନ୍ଧରେ ପଶି ଯାଇଛି।ପାଣି ଟିକେ କମିଲେ ୨ ଗୋଟି ଜେସିବି ନେଇ କାମ କରାଯିବ ବୋଲି ପ୍ରକାଶ କରିଥିଲେ।ଏହି ଖବର ଯନ୍ତ୍ରୀଙ୍କ ଠାରୁ ଶୁଣିବା ପରେ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରି ଯନ୍ତ୍ରୀ ବାହାନା କରି ମିଛ କହୁଛନ୍ତି ବୋଲି କହିବା ସହ ତୁରନ୍ତ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଭିଜିଲାନ୍ସ ବିଭାଗ ଗୁରୁତ୍ୱ ପୂର୍ବ ଭାବେ କାମର ଉଚ୍ଚ ସ୍ତରୀୟ ତଦନ୍ତ ସକାଶେ ଗ୍ରାମବାସୀଙ୍କ ଦାବି ହେଉଛି।


# ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା




## ମନ୍ଦିରାପାରାରେ ଅନେକ ବୃଦ୍ଧ ବୃଦ୍ଧାଙ୍କୁ ମିଳୁନି ଭତ୍ତା

ରାଇଘର ବ୍ଲକରେ: ସରକାର ବୃଦ୍ଧବୃଦ୍ଧାମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଉଥିବା ବେଳେ ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ବହୁ ଗରିବ ଅସହାୟ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଥିବା ଦେଖୁବାକୁ ମିଳିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଅନ୍ତର୍ଗତ ଫୁଟାନଡା ଗ୍ରାମ ର ମନ୍ଦିରାପାରା ର ବଳରାମ ହରିଜନ (୬୦) କବଲ ହରିଜନ (୭୦) ଦ୍ରୁପଦୀ ବିନ୍ଧାଣି (୬୮)। ଭତ୍ତା ପାଇବାରୁ ସେମାନେ ବଞ୍ଚିତ ଅଛନ୍ତି। କେନ୍ଦ୍ରିୟ ଅନୁଦାନ ର ଅଭାବ ଏକ ପ୍ରମୁଖ କାରଣ ଭାବେ ଦେଖାଯାଉଛି। ରାଇଘର ବ୍ଲକ ର ଅନେକ ପଞ୍ଚାୟତ ରେ ଗରିବ ଓ ଅସହାୟ ଲୋକ ଭତ୍ତା ନ ପାଇ ଯନ୍ତ୍ରଣାଦାୟକ ଜୀବନ ବିତାଉଛନ୍ତି,ସରକାରଙ୍କ ପକ୍ଷରୁ ମିଳୁଥିବା ଚାଉଳରେ ଗୁଜରାଣ ମେଣ୍ଟାଇବା କଷ୍ଟକର ହୋଇପଡୁଛି। ଏ ନେଇ ଭତ୍ତା ପାଇଁ ହଳଦୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅନେକ ଥର କାଗଜପତ୍ର ଦେଇଆସୁଥିବା ବେଳେ କୌଣସି ସୁଫଳ ମିଳୁନାହିଁ ।ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୂର୍ଗମ ଅଞ୍ଚଳ କୁ ଦୃଷ୍ଟି ଦେଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମୃତ ତୋଫାନଙ୍କ ପରିବାରକୁ ଆର୍ôଥିକ ସାହାଯ୍ୟ ଯୋଗାଇଦେଲେ ବିଧାୟକ ଶ୍ରୀ ତନ୍ତୀ



ରାଉରକେଲା, : ଇସ୍ପାତ ସହରାଞ୍ଚଳରେ ଥିବା ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୫ ଅଞ୍ଚଳରେ ଥିବା ଗୋଲଘର ନିକଟସ୍ଥ ରାମେଶ୍ୱରପଲ୍ଲୀରେ ରହୁଥିବା ତୋଫାନ ବିନ୍ଧାଣିଙ୍କୁ କେହି ଦୁର୍ବୃତ୍ତ ସେକ୍ଟର,-୬ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପଛପଟେ ଥିବା ଜଙ୍ଗଲରେ ତଂଟି କାଟି ହତ୍ୟା କରିଥିଲେ ।ଏ ସମ୍ବନ୍ଧରେ ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ଏହି ଘଟଣା ପରେ ମୃତ ତୋଫାନଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀ ମାନଙ୍କୁ ଗିରଫ କରିବା ଦାବିରେ ମୃତକଙ୍କ ପରିବାର ଲୋକେ ଥାନାରେ ଧାରଣା ଦେବା ସହିତ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ବାସଭବନ ସମ୍ମୁଖରେ ଏକାଠି ହୋଇ ପୋଲିସର କାର୍ଯ୍ୟଦକ୍ଷତା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ । ଏହାପରେ ବିଧାୟକ ଶ୍ରୀ ତନ୍ତୀ ସ୍ୱୟଂ ମୃତବ୍ୟକ୍ତିଙ୍କ ପରିବାର ସଦସ୍ୟ ଓ ବସ୍ତି ବାସିନ୍ଦାଙ୍କ ସହିତ ଗତକାଲି ସେକ୍ଟର ୭ ଥାନାକୁ ଯାଇ ସେଠାକାର ଅଧିକାରୀଙ୍କ ସହିତ କଥାବାର୍ତ୍ତା ହୋଇ ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଏହାସହିତ ବିଧାୟକ ଶ୍ରୀ ତନ୍ତୀ ଏହି ଘଟଣା ସମ୍ବନ୍ଧରେ ରାଉରକେଲା ଏସପି ଏବଂ ପଶ୍ଚିମାଞ୍ଚଳର ଡି ଆଇ ଜିଙ୍କ ସହିତ ମଧ୍ୟ କଥା ହୋଇ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ପୋଲିସ ପକ୍ଷରୁ ଏକାଧିକ ଟିମ ଗଠନ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଅପରପଟେ ଆଜି ମୃତ ତୋଫାନଙ୍କ ଭଉଣୀ ଚନ୍ଦ୍ରିକାଙ୍କ ସହିତ ପରିବାରର ଅନ୍ୟ ସଦସ୍ୟ ଓ ବସ୍ତିର କେତେକ ଲୋକ ଆସି ବିଧାୟକ ଶ୍ରୀ ତନ୍ତୀଙ୍କୁ ତାଙ୍କ ସେକ୍ଟର-୪ ସ୍ଥିତ ବାସଭବନରେ ସାକ୍ଷାତ କରି ମୃତ ତୋଫାନଙ୍କ ଅନ୍ତ୍ୟେଷ୍ଟି ପାଇଁ କିଛି ଆର୍ôଥିକ ସାହାଯ୍ୟ ମାଗିବାରୁ ବିଧାୟକ ଶ୍ରୀ ତନ୍ତୀ ନିଜ ପକେଟରୁ ମୃତ ତୋଫାନଙ୍କ ଭଉଣୀଙ୍କୁ ଆର୍ôଥିକ ସହାୟତା ପ୍ରଦାନ କରିଥିବା ବେଳେ ବେଦବ୍ୟାସ ଘାଟରେ ଅନ୍ତେଷ୍ଟି କ୍ରିୟା ପାଇଁ ମଧ୍ୟ ନଗଦ ରାଶି ପ୍ରଦାନ କରିଥିଲେ । ଏତଦବ୍ୟତୀତ ଡାକ୍ତରଖାନାରୁ ବେଦବ୍ୟାସ ଘାଟ ପର୍ଯ୍ୟନ୍ତ ମୃତଦେହକୁ ନେବାପାଇଁ ଶବବାହକ ଗାଡି ମଧ୍ୟ ଯୋଗାଇଦେଇଛନ୍ତି । ଏତଦବ୍ୟତୀତ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ମଧ୍ୟ କରିବେ ବୋଲି ବିଧାୟକ ଶ୍ରୀ ତନ୍ତୀ ମୃତବ୍ୟକ୍ତିଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଦଶପଲ୍ଲା ବ୍ଲକ ପରିସରରେ ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଦଶପଲ୍ଲା,: ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ସଫଳ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଜି ଦଶପଲ୍ଲା ବ୍ଲକ ପରିସରରେ ଦଶପଲ୍ଲା ବ୍ଲକ ର ଏବିପିଫେଲୋ ସଂଜୀବନୀ ମାଝୀ ଙ୍କ ତତ୍ୱାବଧାନ ରେ ଏକ ସ୍ୱତନ୍ତ୍ର ପଞ୍ଚାୟତ ସମିତି ସ୍ତରୀୟ ସମ୍ମିଳନୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆକାଂକ୍ଷୀ ବ୍ଲକ ଯୋଜନାର ଅଂଶବିଶେଷ ଭାବେ ଆୟୋଜିତ ଏହି ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବିକାଶ ଓ ଆଗାମୀ ରୂପରେଖ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ , କେ ପି ଡ଼ି ମହିଳା ବିଦ୍ୟାଳୟ ର ଅଧକ୍ଷା ପୂର୍ଣ୍ଣମାସୀ ଦେବୀ, ସାଂସଦଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା,ଆସିଷ୍ଟାଣ୍ଟ ଇଞ୍ଜିନିଅର ସନାତନ ଭୋଳ,ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଅତିଥିମାନେ ସେମାନଙ୍କ ଅଭିଭାଷଣରେ ବିଗତ ଦୁଇ ବର୍ଷ ମଧ୍ୟରେ ଦଶପଲ୍ଲା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ କୃଷି କ୍ଷେତ୍ରରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ ।ସମ୍ମିଳନୀରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ପ୍ରତିନିଧି ଏବଂ ସରକାରୀ ଅଧିକାରୀ, ପି ଆର ମେମ୍ବରଙ୍କ ସହ ଆଶା କର୍ମୀ ଉପସ୍ଥିତ ରହି ସ୍ଥାନୀୟ ସମସ୍ୟା ଓ ତାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେୟ ଆକାଂକ୍ଷୀ ଦଶପଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ଏହି ୨ ବର୍ଷର ସଫଳତା ଏକ ନୂଆ ମାଇଲଖୁଣ୍ଟ ସଦୃଶ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ରଥ କାଠ ପାଇଁ ବଢୁଛି ଚିନ୍ତା

### ନୟାଗଡ଼ ବନଖଣ୍ଡ ପୁରୀକୁ ଯୋଗାଉଥିଲେ କିନ୍ତୁ ନୟାଗଡ଼ ପାଇଁ ମିଳୁନି



ନୟାଗଡ଼, (ମହାଭାରତ) : ଦିନ ଥିଲା ପୁରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ନୟାଗଡ଼ରୁ କାଠ ଯାଉଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଗଲାଣି। ଖୋଦ୍ ନୟାଗଡ଼ରେ ଏବେ ରଥ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା କାଠ ପାଇଁ ସଂଘର୍ଷ କରିବାକୁ ପଡୁଛି। ଗତ ଛଅବର୍ଷ ହେଲା ନୟାଗଡ଼ ଜିଲ୍ଲାରେ ଏମିତି ପରିସ୍ଥିତି ଦେଖିବାକୁ ମିଳୁଛି। ବନ ବିଭାଗ ପକ୍ଷରୁ କାଠ ଯୋଗାଇ ଦିଆଯାଉ ନଥିବାରୁ ବାଧ୍ୟ ହୋଇ ଦେବୋ□ର ବିଭାଗ ପ୍ରତ୍ୟେକ ବର୍ଷ ୬-୭ ଲକ୍ଷ ଟଙ୍କା ଦେଇ ଦଶପଲ୍ଲାରେ ଥିବା ନିଗମରୁ କାଠ କିଣୁଥିବା ଜଣାପଡ଼ିଛି। ଏହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି। ଚଳିତ ବର୍ଷ ପୁରୀରେ ଘୋଷଯାତ୍ରା ପାଇଁ ପାଇଁ ୧୧ଟି ବନଖଣ୍ଡରୁ କାଠ ସଂଗ୍ରହ କରାଯାଇଛି। ପୂର୍ବରୁ କେବଳ ନୟାଗଡ଼ ବନଖଣ୍ଡ ଆବଶ୍ୟକୀୟ କାଠ ସଂଗ୍ରହ କରାଯାଇଥିଲା। ମାତ୍ର ଚଳିତ ବର୍ଷ ନୟାଗଡ଼ ବନଖଣ୍ଡ ସମେତ, ଘୁମୁସର ଉତ୍ତର, ଘୁମୁସର ଦକ୍ଷିଣ, ବୌଦ୍ଧ, ରେଢ଼ାଖୋଲ, ଢେଙ୍କାନାଳ, ବାଲିଗୁଡ଼ା, ଆଠଗଡ଼, ଅନୁଗୁଳ, ସୁବର୍ଣ୍ଣପୁର ଓ ଭୁବନେଶ୍ୱର ସିଟି ଡିଭିଜନ୍ ଘୋଷଯାତ୍ରା ପାଇଁ କାଠ ଯୋଗାଇଛି। ଶ୍ରୀ ଜଗନ୍ନାଥ ପ୍ରଶାସନ ପକ୍ଷରୁ ବିଗତ ତିନି ଦଶନ୍ଧି ମଧ୍ୟରେ ନୟାଗଡ଼ ବନଖଣ୍ଡକୁ ଜଗନ୍ନାଥ ରଥକାଠ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ନୟାଗଡ଼ ବନଖଣ୍ଡରେ ଆବଶ୍ୟକତା ଅନୁସାରେ କାଠ ସଂଗ୍ରହ ହୋଇପାରୁ ନାହିଁ। ନୟାଗଡ଼ରେ ରଥଯାତ୍ରା ପାଇଁ ସାଂଘାତିକ ଭାବେ କାଠ ସମସ୍ୟା ଦେଖିବାକୁ ପଡୁଛି। ନୟାଗଡ଼ରେ ରଥ ନିର୍ମାଣ ପାଇଁ ଆବଶ୍ୟକୀୟ କାଠି ବନ ବିଭାଗ ଯୋଗାଇ ଥାଆନ୍ତି। ଚଳିତ ବର୍ଷ ୩ଟି ରଥ ନିର୍ମାଣ ନିମନ୍ତେ ଆବଶ୍ୟକ ହେଉଥିବା ୭୦ ଲଗ୍ ଶାଳ କାଠ ଯୋଗାଇବା ପାଇଁ ବନଖଣ୍ଡ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିଠି ଲେଖାଯାଇଥିଲା। ମାତ୍ର ବନ ବିଭାଗ ନିକଟରେ କାଠ ମହଜୁଦ୍ ନଥିବା ଜଣାପଡ଼ିବା ପରେ ଦେବୋତ୍ତର ବିଭାଗର ଚିନ୍ତା ବଢ଼ିଯାଇଥିଲା। ପରେ ଦଶପଲ୍ଲା ବନ ନିଗମରୁ କାଠ କିଣିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପ୍ରତ୍ୟେକ ଥର ରଥ ନିର୍ମାଣ ପାଇଁ ବିଭିନ୍ନ ସୂତ୍ରରୁ କାଠ ଆସେୟ ରଥ ନିର୍ମାଣ ପରେ ବଳକା କାଠ ସାଇତି ରଖିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଣୁ ରଥ ନିର୍ମାଣ ପରେ ବଳକା ରହୁଥିବା କାଠ ଗୁଡ଼ିକୁ ଆଉ ସାଇତି ରଖିବା ସମ୍ଭବ ହେଉ ନଥିବା ଅଭିଯୋଗ ହୋଇଛି। ଏ ନେଇ ଦେବୋତ୍ତର ବିଭାଗ ମ୍ୟାନେଜର ତାପସ ପଟ୍ଟନାୟକ କହିଛନ୍ତି ଯେ, ଦଶପଲ୍ଲା ନିଗମରୁ ଚଳିତ ବର୍ଷ ୬ ଲକ୍ଷ ଟଙ୍କାର ରଥ କାଠ କିଣାଯାଇଛି।ମାତ୍ର ନୂଆ ଅଖ କରିବା ପାଇଁ ସମସ୍ୟା ସୃଷ୍ଟି ହୋଉଛି। ଅଖ ତିଆରି କରିବା ପାଇଁ ୨୬-୨୮ ଫୁଟିଆ କାଠ ଆବଶ୍ୟକ ହେଉଥିବା ବେଳେ ନିଗମରେ ଏତେ ଲମ୍ବର କାଠ ନାହିଁ। ଫଳରେ ନିଗମରୁ ଆସିଥିବା ୧୬ ଫୁଟିଆ କାଠକୁ ଯୋଡ଼ାଯୋଡ଼ି କରି ଅଖ ତିଆରି କରାଯାଉଛି। ବଳକା କାଠ ରଖିବା ପାଇଁ ଗୋଦାମ ଗୃହ ରହିଛି। ଏଥିରେ କାଠକୁ ସାଇତି ରଖାଯିବା ପାଇଁ ବ୍ୟବସ୍ଥା ରହିଛି।

## ମା ଭୁବନେଶ୍ୱରୀ ମନ୍ଦିରରେ ଶିବ ବିବାହ ଓ ଶୀତଳଷଷ୍ଠୀ



ରାଉରକେଲା,: ଛେଣ୍ଡ ସ୍ଥିତ ଫେଜ ୨ ରେ ଥିବା ମା ଭୁବନେଶ୍ୱରୀ ମନ୍ଦିର ଠାରେ ଚଳିତ ବର୍ଷ ଶିବଙ୍କର ୨୧ତମ ବିବାହ ବାର୍ଷିକୀ ଓ ଶୀତଳଷଷ୍ଠୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଶିବଙ୍କର ପିତା ମାତା ଭାବେ ସେକ୍ଟର ୯ ର ବାସିନ୍ଦା ପ୍ରସନ୍ନ କୁମାର ବେହେରା ଓ ସବିତା ବେହେରା,ମାତା ପାର୍ବତୀ ଙ୍କ ପିତା ମାତା ଭାବେ ଛେଣ୍ଡ ର ବାସିନ୍ଦା ପ୍ରମୋଦ ପାତ୍ର ଓ ସ୍ୱପ୍ନା ପାତ୍ର କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ପୂଜକ ଭାବେ ଭାଗବତ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ସକାଳେ ମଙ୍ଗଳ କାର୍ଯ୍ୟ ଓ ବର ନିମନ୍ତ୍ରଣ ପରେ ସନ୍ଧ୍ୟାରେ ବରାନୁଗମନ ଓ ଶୋଭାଯାତ୍ରା, ବିବାହ,ପରେ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳରେ ସହସ୍ରାଧିକ ଶ୍ରଦ୍ଧାଳୁ ଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପୂର୍ବ ବର୍ଷ ମାନଙ୍କରେ କର୍ତ୍ତା ସାଜିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଅନୀଲ କୁମାର ଦାଶ, ବୈରାଗୀ ଚରଣ ରାଉତ, ସୁଶାନ୍ତ କୁମାର ଦାସ,ମୃଣୟ ରାୟଗୁରୁ,କେଶବ ଚନ୍ଦ୍ର ପତି, ମହେଶ୍ୱର ସିଂ,ପୁରଞ୍ଜନ ଦାସ, ମନୋଜ କୁମାର ଆଚାର୍ଯ୍ୟ, କୁଞ୍ଜବିହାରୀ ରାଉତ, ସଂଯୁକ୍ତା ଆଚାର୍ଯ୍ୟ,ଆଶାଲତା ଦାଶ, ପଦ୍ମଚରଣ ଦାଶ, ନିରଞ୍ଜନ ପଣ୍ଡା, ରଘୁନାଥ ଦାଶ, ବାସନ୍ତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ବିଷମକଟକର ବରିଷ୍ଠ ବିଜେପି ନେତା ସର୍ବେଶ୍ୱର ସୁନାଙ୍କ ପରଲୋକ

ବିଷମକଟକ, :ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ପୂର୍ବତନ ବିଜେପି ମଣ୍ଡଳ ସଭାପତି ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ସର୍ବେଶ୍ୱର ସୁନାଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସୁନା ଦୀର୍ଘ ଦିନ ଧରି ଭାରତୀୟ ଜନତା ପାର୍ଟିର ସଂଗଠନକୁ ସୁଦୃଢ଼ କରିବା ସହ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବେ ଜଡିତ ଥିଲେ। ତାଙ୍କର ସରଳ ବ୍ୟକ୍ତିତ୍ୱ, ସଂଗଠନ ପ୍ରତି ନିଷ୍ଠା ଓ ଜନସେବା ମନୋଭାବ ପାଇଁ ସେ ସାଧାରଣ ଲୋକଙ୍କ ନିକଟରେ ବେଶ୍ ଲୋକପ୍ରିୟ ଥିଲେ ।ତାଙ୍କ ନିଧନରେ ବିଜେପିର ବହୁ ନେତା ଓ କାର୍ଯ୍ୟକର୍ତ୍ତା ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ରାମ ବେହେରା, ଜଗନ୍ନାଥ ନୁଡୁକା, ସାରଙ୍ଗଧର କାଡ୍ରାକା, କାଳୀରାମ ମାଝୀ, ବସନ୍ତ ଉର୍ଲାକା ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

## ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି



ଅନୁଗୋଳ,: ଶିଶୁ ଶ୍ରମ ଉଚ୍ଛେଦ ଓ ଶିଶୁ ସୁରକ୍ଷା ଗଠନ ଲକ୍ଷ୍ୟରେ ଜିଲ୍ଲାରେ ଚାଲିଥିବା ୧୫ ଦିନିଆ ଅଭିଯାନରେ ଏକ ଶିଶୁ ଶ୍ରମ ନିରାକରଣ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରାଲିକୁ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଏବଂ ଯୁଗ୍ମ ଶ୍ରମ ଆୟୁକ୍ତ କୁବେର ବେହେରା ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ସୁରକ୍ଷା, ଶିକ୍ଷାର ଅଧିକାର ଏବଂ ସେମାନଙ୍କ ସାମଗ୍ରିକ କଲ୍ୟାଣ ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ହିଁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ, ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବ ପ୍ରସାଦ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଏବଂ ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଇଲ୍ଡ ଲାଇନର ଅଧିକାରୀବୃନ୍ଦ, ସହକାରୀ ଶ୍ରମ ଅଧିକାରୀଗଣ, ଶ୍ରମ ବିଭାଗର କର୍ମଚାରୀ ଏବଂ ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବ୍ଲକ ସ୍ତରୀୟ ବନ୍ୟା ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତ ବୈଠକ

ପାଟଣା,: କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହରେ ବନ୍ୟା ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇ ପାରିବ ଏନେଇ ଏକ ପ୍ରସ୍ତୁତ ବୈଠକ ହୋଇଛି। ଏହି ବୈଠକ ବିଡିଓ ମାନସ କୁମାର ଦଣ୍ଡପାଟ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଛି। ବୈଠକରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ,ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡକ୍ଟର ଶୁଭେନ୍ଦୁ ସାଗର କୁମାର ନାଏକ,ଅଗ୍ନିଶମ ବିଭାଗ ଅଧିକାରୀ ହରମୋହନ ହେମ୍ବ୍ରମ, ଡିଏସଏସଓ ଭୁବନେଶ୍ୱରୀ ମହାନ୍ତ, ଜିପିଡିଇପି ସନ୍ତୋଷ କୁମାର ସବର,ସିଡିପିଅ କଳ୍ପନା ଡରା ମଞ୍ଚାସିନ ହୋଇ ବାତ୍ୟା ବିପର୍ଯ୍ୟୟ ସମୟ ରେ ଲୋକ ମାନଙ୍କୁ କିପରି ସେବା ସହିତ ଉଦ୍ଧାର କରାଯିବ ଉପସ୍ଥିତ ସମସ୍ତ ପଦାଧିକାରୀ ମାନଙ୍କୁ ପରାମର୍ଶ ଦିଆଯିବା ସହିତ ପାଟଣା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ଗଜପତି: ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଓ ବନ୍ୟା-ବାତ୍ୟା ସମୟରେ ଜନସାଧାରଣଙ୍କୁ କିପରି ସୁରକ୍ଷିତ ବାବେ ଉଦ୍ଧାର କରାଯାଇ ପାରିବ ସେନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଟେବୁଲ ଟପ୍ ଏକ୍ସରସାଇଜ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଏସପିସି ଶ୍ରୀ ସୁବୋଧ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହୋନନାଗା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଡେପୁଟି ଏସପି ମାଧବ ନନ୍ଦ ନାୟକ, ଜିଲ୍ଲା ଅଗ୍ନିଶମ ଅଧିକାରୀ ଧୀରେନ କୁମାର ଦାସ, ଜିଲ୍ଲା



ଜରୁରୀକାଳୀନ ଅଧିକାରୀ ବିନାୟକ ରାଉଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷା କରାଯିବ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାସ୍ତର, ବ୍ଲକ୍ ସ୍ତର ଏବଂ ପାରଳାଖେମୁଣ୍ଡି ପୌରପରିଷଦ ସହ କାଶୀନଗର ବିଜ୍ଞପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ବିଭାଗର ସମନ୍ୱୟ, କାର୍ଯ୍ୟଦକ୍ଷତା ଓ ତତ୍ପରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମ୍ଭାବ୍ୟ ବିପର୍ଯ୍ୟୟ ପୂର୍ବରୁ ପୂର୍ବ ପ୍ରସ୍ତୁତି, ଖାଦ୍ୟ, ଔଷଧ, ପାନୀୟ ଜଳ, ଚୁଡ଼ା, ଗୁଡ଼, କିରୋସିନ ଭଳି ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବା, ନଦୀ ଓ କେନାଲ ବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ କରି ସୁଦୃଢ଼ୀକରଣ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ ଓ ଥଇଥାନ କାର୍ଯ୍ୟକୁ ସୁଚାରୁ ଭାବେ ପରିଚାଳନା କରିବାକୁ ସମସ୍ତ ବିଭାଗକୁ ପରାମର୍ଶ ଦିଆଯାଇଥିଲା। ସେହିପରି ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ପାନୀୟ ଜଳ ଓ ପରିମଳ, କୃଷି, ଯୋଗାଣ, ବିଦ୍ୟୁତ ସହ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସେମାନଙ୍କ ଭୂମିକା ଓ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇଥିଲା। ପରେ ପରେ ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ଟେବୁଲ ଟପ୍ ଏକ୍ସରସାଇଜ ଓ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଥିଲା। ସେହିପରି ଆସନ୍ତାକାଲି ଅପରାହ୍ନ ୨ଟା ସମୟରେ କାଶୀନଗର ବ୍ଲକ୍ ସ୍ଥିତ ବଂଶଧାରା ନଦୀରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟର ପ୍ରାୟୋଗିକ ଅଭ୍ୟାସ ସ୍ୱରୂପ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍ ଡ୍ରିଲ ଆୟୋଜିତ ହେବ। ଆଜିର ଏହି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଖଣ୍ଡଳମଣି ମନ୍ଦିରରେ ଶିବ ବିବାହ ମହାସମାରୋହରେ ସମ୍ପନ୍ନ

ରାଉରକେଲା,: କୋଏଲ ନଗର ଏ ବ୍ଲକ ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାବା ଆଖଣ୍ଡଳମଣି ମନ୍ଦିରରେ ପ୍ରଥମ ଥର ପାଇଁ ଶିବ ବିବାହ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ନିଷ୍ପତ୍ତି ଅନୁଯାୟୀ କୋଏଲ ନଗର ସ୍ଥିତ ଏ ବ୍ଲକ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାବା ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କନ୍ୟା ପିତା ମାତା ଭାବେ ସନ୍ତୋଷ ପାଣିଗ୍ରାହୀ ଓ ଲକ୍ଷ୍ମୀ ପାଣିଗ୍ରାହୀ ତଥା ବର ପିତା ମାତା ଭାବେ ବିଷ୍ଣୁଚରଣ ପଣ୍ଡା ଓ ରୁକ୍ମିଣୀ ପଣ୍ଡା, ସର୍ବୋପରି ପୂଜକ ଭାବେ ମାନସ ରଞ୍ଜନ ପଣ୍ଡା ଓ ପରମେଶ୍ୱର ପତି ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ରୁଦ୍ରାଭିଷେକ, ଚଣ୍ଡିପାଠ, ବରଯାତ୍ରୀ ପ୍ରୋସେସନ,ବାଜା, ବାଣ,ଭଜନ, କୀର୍ତ୍ତନ ଓ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା । ମହାଦେବ ଶିବଙ୍କ ପ୍ରୋସେସନ କୋଏଲ ନଗର ଡି ବ୍ଲକ,ଇ ବ୍ଲକ ହୋଇ ଏବି ଛକ ହୋଇ ମନ୍ଦିର କୁ ଫେରିଥିଲା। ସେଠାରେ ନୀତି ନିୟମ ଅନୁଯାୟୀ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଶିବପାର୍ବତୀଙ୍କ ଆଶିର୍ବାଦ ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଇଂ ଆଲୋକ ରଂଜନ ମଲ୍ଲିକ,ଡ ସନାତନ ପ୍ରଧାନ, ଡ଼ା ଜୟନ୍ତ ଆଚାର୍ଯ୍ୟ,ବ୍ରଜେନ୍ଦ୍ର ଦାଶ, ପ୍ରଦୀପ ପଣ୍ଡା, ମନୋଜ କୁମାର ପଣ୍ଡା, ଅମୂଲ୍ୟ ମିଶ୍ର, ପୁଷ୍ପାଞ୍ଜଳି ଅନୁଷ୍ଠାନର ସର୍ବଶ୍ରୀ ଦିଗନ୍ତ ପାଣି, ସୁଶାନ୍ତ ଲେଙ୍କା, ଦୈତାରୀ ସାହୁ, ବାବୁଲି ହାତୀ,ବନ ମହାରଣା , ଦଇତାପତି ସର୍ବଶ୍ରୀ ତୁଷାର ସାହୁ, ବିବେକାନନ୍ଦ ପଣ୍ଡା, ରବିନାରାୟଣ ହୋତା, ରାଜେଶ ମହାନ୍ତି,ବରଦା ମହାନ୍ତି,ଝିରିପାଣି ଥାନା ପ୍ରଭାରୀ ପ୍ରଦୀପ କୁମାର ନାୟକ, ଏଏସଆଇ ଲଲନ ସେଠୀ, ସାମ୍ବାଦିକ କୁଞ୍ଜବିହାରୀ ରାଉତ ଓ ସସ୍ମିତା ପ୍ରଧାନ ଙ୍କ ସହ ବହୁ ସହସ୍ରାଧିକ ଉତ୍ସାହୀ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



## କରୋନା ଭୂତାଣୁକୁ ନେଇ ବଡ଼ ଖୁଲାସା: ଆମେରିକା ଡାକ୍ତର ଫୌସି ଚୀନର ଉହାନ ଲ୍ୟାବକୁ ପାଣ୍ଠି ଯୋଗାଉଥିଲେ ବୋଲି ତୁଲସୀ ଗାବାର୍ଡଙ୍କ ଅଭିଯୋଗ



ୱାଶିଂଟନ: ଆମେରିକାର ପୂର୍ବତନ ଗୁଇନ୍ଦା ମୁଖ୍ୟ ତୁଲସୀ ଗାବାର୍ଡ ଗୁରୁବାର ଦିନ ଡାକ୍ତର ଆନ୍ଥୋନୀ ଫୌସିଙ୍କ ବିରୁଦ୍ଧରେ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ନିଜ କାର୍ଯ୍ୟକାଳର ଶେଷ ଦିନରେ କିଛି ଗୁପ୍ତ ଦସ୍ତାବିଜ ସାମ୍ନାକୁ ଆଣି ଗାବାର୍ଡ କହିଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ମୁଖ୍ୟ ଚିକିତ୍ସା ପରାମର୍ଶଦାତା ଥିବା ଡାକ୍ତର ଫୌସି ଚୀନର ଉହାନ ଲ୍ୟାବକୁ ଲକ୍ଷ ଲକ୍ଷ ଡଲାରର ସରକାରୀ ପାଣ୍ଠି ଯୋଗାଇଥିଲେ। ଏହି ଲ୍ୟାବରୁ ହିଁ କରୋନା ଭୂତାଣୁ ବ୍ୟାପିଥିବା କୁହାଯାଉଛି। ଫୌସି ନିଜର ବିପଜ୍ଜନକ ଗବେଷଣାକୁ ଲୁଚାଇବା ପାଇଁ ଗୁଇନ୍ଦା ବିଭାଗ ଉପରେ ଚାପ ପକାଇଥିଲେ ଏବଂ ଏହା ପ୍ରାକୃତିକ ଭାବେ ଜୀବଜନ୍ତୁଙ୍କଠାରୁ ବ୍ୟାପିଛି ବୋଲି ମିଛ ପ୍ରଚାର କରିଥିଲେ। ଏପରିକି ସେ ୨୦୨୪ ମସିହାରେ ସଂସଦରେ ଶପଥ ନେଇ ଗୁଇନ୍ଦା ଅଧିକାରୀଙ୍କ ସହ କୌଣସି ଆଲୋଚନା କରିନଥିବା କହି ମିଛ ସାକ୍ଷ୍ୟ ଦେଇଥିଲେ ବୋଲି ଗାବାର୍ଡଙ୍କ କାର୍ଯ୍ୟାଳୟ ପ୍ରକାଶ କରିଛି।

ତୁଲସୀ ଗାବାର୍ଡ କହିଛନ୍ତି ଯେ କରୋନା ମହାମାରୀ ଯୋଗୁଁ କୋଟି କୋଟି ଆମେରିକୀୟ ଏବଂ ସାରା ବିଶ୍ୱର ଲୋକେ ଅସହ୍ୟ କଷ୍ଟ ଭୋଗିଛନ୍ତି, ତେଣୁ ଏବେ ସତ ସାମ୍ନାକୁ ଆସିବା ଦରକାର। ଡାକ୍ତର ଫୌସି ନିଜ କ୍ଷମତାର ଅପବ୍ୟବହାର କରିବା ସହ ରାଷ୍ଟ୍ରପତିଙ୍କ ପାଖକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯିବାକୁ ଦେଇନଥିଲେ। ଯେଉଁ ଗୁଇନ୍ଦା ବିଶ୍ଲେଷକମାନେ ତାଙ୍କ କଥାକୁ ବିରୋଧ କରୁଥିଲେ, ସେମାନଙ୍କୁ ଚାକିରି କ୍ଷେତ୍ରରେ ହଇରାଣ ଓ ଅପମାନିତ କରାଯାଉଥିଲା। ଟ୍ରିଲିୟନ ଡଲାରର ଟିକା ବ୍ୟବସାୟ ଓ ବଡ଼ ବଡ଼ ଫାର୍ମା କମ୍ପାନୀଗୁଡ଼ିକୁ ଫାଇଦା ପହଞ୍ଚାଇବା ପାଇଁ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଚାଲିଥିଲା ବୋଲି ଗାବାର୍ଡ ଅଭିଯୋଗ କରିଛନ୍ତି।

## ମେକେଦାଟୁ ପ୍ରକଳ୍ପ ବିରୋଧରେ ତାମିଲନାଡୁ ବିଧାନସଭାରେ ସଂକଳ୍ପ ପାରିତ, କର୍ଣ୍ଣାଟକକୁ କ୍ଲିଅରାନ୍ସ ନଦେବାକୁ କେନ୍ଦ୍ରକୁ ଦାବି

ଚେନ୍ନାଇ: କାବେରୀ ନଦୀ ଉପରେ କର୍ଣ୍ଣାଟକ ସରକାର ପ୍ରସ୍ତାବ ରଖିଥିବା ମେକେଦାଟୁ ବନ୍ଧ ପ୍ରକଳ୍ପକୁ ତାମିଲନାଡୁ ସରକାର ତୀବ୍ର ବିରୋଧ କରିଛନ୍ତି। ଶୁକ୍ରବାର ଦିନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ବିଧାନସଭାରେ ଏହି ପ୍ରକଳ୍ପ ବିରୁଦ୍ଧରେ ଏକ



ସଂକଳ୍ପ ଆଣିଛନ୍ତି ଏବଂ ଗୃହର ସମସ୍ତ ସଦସ୍ୟଙ୍କୁ ଏହାକୁ ସର୍ବସମ୍ମତି କ୍ରମେ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ସଂକଳ୍ପକୁ କଂଗ୍ରେସ ଏବଂ ଭିସିକେ ଦଳ ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଛି। ନେତାମାନେ ଏହି ଆନ୍ତଃ-ରାଜ୍ୟ ନଦୀ ଜଳ ବିବାଦ ମାମଲାରେ ସମସ୍ତେ ଏକାଠି ହୋଇ ଛିଡ଼ା ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କର୍ଣ୍ଣାଟକର ଏହି ଏକପାଖିଆ ପ୍ରକଳ୍ପ ଆଇନଗତ ବ୍ୟବସ୍ଥାର ଉଲ୍ଲଂଘନ କରୁଛି ଏବଂ ଏହାଦ୍ୱାରା ତାମିଲନାଡୁର ଚାଷୀମାନେ ଗମ୍ଭୀର ଭାବେ ପ୍ରଭାବିତ ହେବେ। ସଂକଳ୍ପ ଅନୁଯାୟୀ, କାବେରୀ ଜଳ ବିବାଦ ଟ୍ରିବ୍ୟୁନାଲ ଏବଂ ସୁପ୍ରିମକୋର୍ଟଙ୍କ ରାୟକୁ କର୍ଣ୍ଣାଟକ ସମ୍ମାନ ଦେଉନାହିଁ। ଅନ୍ୟ ରାଜ୍ୟଗୁଡ଼ିକର ସହମତି କିମ୍ବା କେନ୍ଦ୍ରର ବିନା ଅନୁମତିରେ ଏହି ବନ୍ଧ ନିର୍ମାଣ ଚେଷ୍ଟା କଦାପି ଗ୍ରହଣଯୋଗ୍ୟ ନୁହେଁ। କାବେରୀ ଏକ ଜଳାଭାବ ଅବବାହିକା ହୋଇଥିବାରୁ ଏଠାରେ କୌଣସି ନୂଆ ପ୍ରକଳ୍ପ କରାଯାଇପାରିବ ନାହିଁ। ତେଣୁ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ବୈଷୟିକ କିମ୍ବା ପରିବେଶ ସମ୍ବନ୍ଧୀୟ କୌଣସି ମଞ୍ଜୁରୀ ନଦେବାକୁ ଏବଂ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି) କର୍ଣ୍ଣାଟକର ବିସ୍ତୃତ ପ୍ରକଳ୍ପ ରିପୋର୍ଟକୁ ଯାଞ୍ଚ ନକରିବାକୁ ଏହି ସଂକଳ୍ପରେ ଦାବି କରାଯାଇଛି।

## ୭୯ କୋଟି ଟଙ୍କାର ବ୍ୟାଙ୍କ ଜାଲିଆତି ମାମଲା : ଆଇଏଏସ୍ ଅଧିକାରୀ ଗିରଫ

ହରିୟାଣା : ପଞ୍ଚକୁଲା ମହାନଗର ନିଗମର ପ୍ରାୟ ୭୯.୪୬ କୋଟି ଟଙ୍କାର ବ୍ୟାଙ୍କ ଜାଲିଆତି ମାମଲାରେ ସିବିଆଇ ହରିୟାଣା କ୍ୟାଡରର ନିଲମ୍ବିତ ଆଇଏଏସ୍ ଅଧିକାରୀ ରାମ କୁମାର ସିଂହଙ୍କୁ ଗିରଫ କରିଛି। ଚଣ୍ଡୀଗଡ଼ର ଏକ ବ୍ୟାଙ୍କ ଶାଖାରେ ଥିବା ନିଗମର ଆକାଉଣ୍ଟରୁ ଏହି ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଗତ ଏପ୍ରିଲ ୯ରେ ନିଲମ୍ବିତ ହୋଇଥିବା ୨୦୧୨ ବ୍ୟାଚର ଏହି ଅଧିକାରୀ, ଏହି ଘୋଟାଲାରେ ଗିରଫ ହେବାରେ ହରିୟାଣାର ପ୍ରଥମ ଆଇଏଏସ୍ ଅଟନ୍ତି। ଗିରଫଦାରୀ ପରେ ସିବିଆଇ ଚଣ୍ଡୀଗଡ଼ ଏବଂ କରନାଲରେ ଥିବା ତାଙ୍କ ଘରେ ଚଢ଼ାଉ କରି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ବ୍ୟାଙ୍କ ଅଧିକାରୀମାନେ ସରକାରୀ ବାବୁମାନଙ୍କ ସହ ମିଶି ଜାଲ୍ ଫିକ୍ସଡ୍ ଡିପୋଜିଟ୍ (ଏଫଡି) ବାହାନାରେ ସରକାରୀ ପାଣ୍ଠିରୁ ଟଙ୍କା ଗାୟବ କରିଛନ୍ତି। ହରିୟାଣା ଅର୍ଥ ବିଭାଗର ନିୟମକୁ ବେଖାତିର କରି ଏହି ଆକାଉଣ୍ଟ୍ ଖୋଲାଯାଇଥିଲା। ରାମ କୁମାର ସିଂହ ନିଗମର କମିଶନର ଥିବା ସମୟରେ, ଏଫଡି କରିବା ନାଁରେ ମଧ୍ୟସ୍ଥିଙ୍କ ଜରିଆରେ ବ୍ୟାଙ୍କ କର୍ମଚାରୀଙ୍କୁ ଅନେକ ସ୍ୱାକ୍ଷରିତ ଚେକ୍ ଦେଇଥିଲେ। ହେଲେ ବାସ୍ତବରେ କୌଣସି ଏଫଡି କରାଯାଇନଥିଲା ଏବଂ ସେହି ଟଙ୍କାକୁ କିଛି ନକଲି କମ୍ପାନୀକୁ ପଠାଇ ଦିଆଯାଇଥିଲା। ଏହି ସମ୍ପୂର୍ଣ୍ଣ ଜାଲିଆତି ବିଷୟରେ ତତ୍କାଳୀନ କମିଶନର ଓ ନିଗମର ଜଣେ ବରିଷ୍ଠ ଆକାଉଣ୍ଟାଣ୍ଟ ସବୁ ଜାଣିଥିଲେ। ଏହି ମାମଲାରେ ସମ୍ପୃକ୍ତ ସେହି ଆକାଉଣ୍ଟାଣ୍ଟଙ୍କୁ ପୂର୍ବରୁ ହିଁ ଗିରଫ କରାଯାଇସାରିଛି। ଚଣ୍ଡୀଗଡ଼ର ଏହି ବ୍ୟାଙ୍କ ଶାଖାକୁ କେନ୍ଦ୍ର କରି ଚାଲିଥିବା ଏକ ବଡ଼ ବ୍ୟାଙ୍କିଙ୍ଗ୍ ମହାଘୋଟାଲାର ଏହା ଏକ ଅଂଶ ବୋଲି ସିବିଆଇ ସୂଚନା ଦେଇଛି।

# ଟେଲିଗ୍ରାମ୍ ବ୍ୟାନ୍ ବିବାଦ ଭିତରେ ଆସିଲା ବଡ଼ ଖବର ଭାରତରେ ସୋସିଆଲ ମିଡିଆ ଉପରେ ଲାଗିପାରେ ବ୍ୟାନ !

ନୂଆଦିଲ୍ଲୀ : ଆଜିକାଲି ସୋସିଆଲ ମିଡିଆ ଶିଶୁ ଏବଂ କିଶୋରମାନଙ୍କ ଜୀବନର ଏକ ବଡ଼ ଅଂଶ ପାଲଟିଗଲାଣି। କିନ୍ତୁ ଏହାର ବଢୁଥିବା ବ୍ୟବହାର ସାରା ବିଶ୍ୱର ସରକାରମାନଙ୍କ ଚିନ୍ତା ମଧ୍ୟ ବଢ଼ାଇ ଦେଇଛି। ସାଇବରବୁଲିଙ୍ଗ (ଅନଲାଇନ ହଇରାଣ), ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ, ଅନଲାଇନ ଶୋଷଣ, ଅଶ୍ଳୀଳ କଣ୍ଟେଣ୍ଟ ଏବଂ ସୋସିଆଲ ମିଡିଆର ନିଶା ଭଳି ସମସ୍ୟାକୁ ଦେଖି ଅନେକ ଦେଶ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ କଡ଼ା କଟକଣା ଲଗାଇବା ଆରମ୍ଭ କରିଦେଲେଣି। ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ୟୁକେ ଏବଂ ୟୁଏଇ ଭଳି ଦେଶଗୁଡ଼ିକ ଗତ କିଛି ମାସ ମଧ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାଫଳରେ ଏହି ବିତର୍କ ତେଜିଯାଇଛି ଯେ ପିଲାମାନଙ୍କୁ ସୋସିଆଲ ମିଡିଆଠାରୁ ଦୂରେଇ ରଖିବା ହିଁ ସବୁଠାରୁ ଭଲ ସମାଧାନ କି? ରଏଟର୍ସର ରିପୋର୍ଟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ହୋଇଥିବା ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ପିଲା ଏବଂ କିଶୋରମାନଙ୍କ



ମଧ୍ୟରେ ଚିନ୍ତା, ଅବସାଦ, ଶୋଇବା ସମସ୍ୟା ଏବଂ ଆତ୍ମବିଶ୍ୱାସର ଅଭାବ ଭଳି ସମସ୍ୟା ବଢ଼ାଇପାରେ। ଏହା ବ୍ୟତୀତ ସାଇବରବୁଲିଙ୍ଗ, ଅନଲାଇନ ଠକେଇ, ଅପରିଚିତ ବ୍ୟକ୍ତିଙ୍କ ସହ ଯୋଗାଯୋଗ ଏବଂ କ୍ଷତିକାରକ କଣ୍ଟେଣ୍ଟ ସହଜରେ ମିଳିଯିବା ମଧ୍ୟ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଅନେକ ସରକାରଙ୍କ ମତରେ ପିଲାମାନଙ୍କୁ ଏହିସବୁ ବିପଦରୁ ରକ୍ଷା କରିବା ପାଇଁ କଡ଼ା ନିୟମ ଜରୁରୀ ଅଟେ। ଡିସେମ୍ବର ୨୦୨୫ରେ ୧୬ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାରେ ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ଦେଶ ହୋଇଥିଲା। ଏହା ଅଧୀନରେ ଟିକଟକ, ଇନଷ୍ଟାଗ୍ରାମ, ଫେସବୁକ, ୟୁଟ୍ୟୁବ ଏବଂ ଅନ୍ୟାନ୍ୟ ବଡ଼ ପ୍ଲାଟଫର୍ମଗୁଡ଼ିକୁ ନାବାଳକମାନଙ୍କ ଆକାଉଣ୍ଟ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିଥିଲା। ନିୟମ ପାଳନ ନ କରୁଥିବା କମ୍ପାନୀଗୁଡ଼ିକ ଉପରେ ବେଶୀ ଜରିମାନା ଲଗାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଅଷ୍ଟ୍ରେଲିଆ ପରେ ଇଣ୍ଡୋନେସିଆ ମଧ୍ୟ ୧୬ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ରତିବନ୍ଧକ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ୟୁଏଇ ୧୫ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଆକାଉଣ୍ଟ ତିଆରି କରିବା ଏବଂ ବ୍ୟବହାର କରିବା ଉପରେ ରୋକ ଲଗାଇବାକୁ ଘୋଷଣା କରିଛି। ପ୍ଲାଟଫର୍ମଗୁଡ଼ିକୁ ବୟସ ଯାଞ୍ଚ ବ୍ୟବସ୍ଥା ଲାଗୁ କରିବାକୁ ହେବ। ସେହିଭଳି ୟୁନାଇଟେଡ କିଙ୍ଗଡମ ମଧ୍ୟ ୧୬ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରିବାକୁ ଘୋଷଣା କରିଛି। ବ୍ରିଟିଶ ସରକାରଙ୍କ କହିବା ଅନୁଯାୟୀ, ପିଲାମାନଙ୍କୁ ଅନଲାଇନ କ୍ଷତି ଏବଂ ନିଶା ସୃଷ୍ଟି କରୁଥିବା ଆଲଗୋରିଦମରୁ ରକ୍ଷା କରିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ତେବେ ସମସ୍ତ ବିଶେଷଜ୍ଞ ଏହି ନିଷ୍ପତ୍ତି ସହ ସହମତ ନୁହଁନ୍ତି। କେତେକଙ୍କ ମତରେ ସୋସିଆଲ ମିଡିଆ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇବା ପରିବର୍ତ୍ତେ ପିଲାମାନଙ୍କୁ ଡିଜିଟାଲ ସାକ୍ଷରତା ଶିଖାଇବା ଏବଂ ପ୍ଲାଟଫର୍ମଗୁଡ଼ିକୁ ଅଧିକ ସୁରକ୍ଷିତ କରିବା ଏକ ଭଲ ବିକଳ୍ପ ହୋଇପାରେ। ସେମାନଙ୍କର ଯୁକ୍ତି ହେଉଛି ଯେ ସୋସିଆଲ ମିଡିଆ ପିଲାମାନଙ୍କୁ ଶିଖିବା, ସୂଚନା ପାଇବା ଏବଂ ସାଙ୍ଗମାନଙ୍କ ସହ ଯୋଡ଼ି ହୋଇ ରହିବା ପାଇଁ ମଧ୍ୟ ସୁଯୋଗ ଦେଇଥାଏ। ଭାରତରେ ଏବେ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ନାହିଁ। ତେବେ ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକ୍ସନ ନିୟମ ଅଧୀନରେ ୧୮ ବର୍ଷରୁ କମ ବୟସର ପିଲାମାନଙ୍କ ପାଇଁ ପିତାମାତାଙ୍କ ସହମତି ସମ୍ବନ୍ଧୀୟ ବ୍ୟବସ୍ଥା ଉପରେ ଆଲୋଚନା ଏବଂ ନିୟମ ପ୍ରସ୍ତୁତ କରାଯାଇଛି। ଅନେକ ବିଶେଷଜ୍ଞ ଏବଂ ଶିଶୁ ଅଧିକାର ସଂଗଠନ ମଧ୍ୟ ପିଲାମାନଙ୍କ ଅନଲାଇନ ସୁରକ୍ଷାକୁ ନେଇ ଅଧିକ କଡ଼ା ନିୟମ ଦାବି କରୁଛନ୍ତି। ବର୍ତ୍ତମାନ ପାଇଁ ଭାରତ ସରକାର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବା ସମ୍ପର୍କରେ କୌଣସି ଆଧିକାରିକ ଘୋଷଣା କରିନାହାନ୍ତି। କିନ୍ତୁ ବିଶ୍ୱର ବିଭିନ୍ନ ଦେଶ ଦ୍ୱାରା ନିଆଯାଉଥିବା ପଦକ୍ଷେପକୁ ଦେଖି ଅନୁମାନ କରାଯାଉଛି ଯେ ଆଗାମୀ ଦିନରେ ଭାରତ ମଧ୍ୟ ବୟସ ଯାଞ୍ଚ, ପ୍ୟାରେଣ୍ଟାଲ କଣ୍ଟ୍ରୋଲ (ପିତାମାତାଙ୍କ ନିୟନ୍ତ୍ରଣ) ଏବଂ ପିଲାମାନଙ୍କ ଅନଲାଇନ ସୁରକ୍ଷା ସହ ଜଡ଼ିତ ନିୟମଗୁଡ଼ିକୁ ଅଧିକ କଡ଼ାକଡ଼ି କରିପାରେ। ତେବେ ସମ୍ପୂର୍ଣ୍ଣ ବ୍ୟାନ ହେବ କି ନାହିଁ, ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ।

# କେବଳ ଏଲ୍ ନିନୋ ନୁହେଁ, ଭାରତରେ ମୌସୁମୀ ପଥରେ ଏକାଧିକ ବାଧା

ନୂଆଦିଲ୍ଲୀ : ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୪ ତାରିଖରେ ଭାରତ ପ୍ରବେଶ କରିଥିଲେ ମଧ୍ୟ ଦେଶର ବିଭିନ୍ନ ଭାଗରେ ପହଞ୍ଚି ପାରିନାହିଁ। ପାଣିପାଗ ବିଜ୍ଞାନୀମାନେ କହିଛନ୍ତି ଯେ, ସାରା ଭାରତରେ ଏହି ଅସ୍ୱାଭାବିକ ବିଳମ୍ବ ହୁଏତ ଗୋଟିଏ କାରଣ ନୁହେଁ ବରଂ ଅନେକ ପାଣିପାଗ ପ୍ରଣାଳୀର ଜଟିଳ ପାରସ୍ପରିକ କ୍ରିୟା ଯୋଗୁଁ ହୋଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟ ପରେ ସାରା ଦେଶରେ ମୌସୁମୀର ଅଗ୍ରଗତି ଅତି ମନ୍ଥର ହୋଇଯାଇଛି, ଫଳରେ ଦେଶର ବହୁ ଅଞ୍ଚଳରେ ବର୍ଷାର ତୀବ୍ର ଅଭାବ ଦେଖାଦେଲାଣି। ବର୍ଷା ଅଭାବରୁ ଚାଷୀର ଚିନ୍ତା ବଢ଼ିଗଲାଣି। ପାଣିପାଗ ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି ଯେ, ପ୍ରଶାନ୍ତ ମହାସାଗରୀୟ ଅସ୍ଥିରତା ଓ ପଶ୍ଚିମ ଝଡ଼, ଦୁର୍ବଳ ନିମ୍ନ ଚାପରେଖା ଗଠନ, ମ୍ୟାଡେନ୍-ଜୁଲିଆନ୍ ଓସିଲେସନ୍‌ର ସମର୍ଥନର ଅଭାବ ଓ ଏଲ୍ ନିନୋ ଯୋଗୁଁ ମୌସୁମୀ ଅଗ୍ରଗତି ବାଧାପ୍ରାପ୍ତ ହୋଇଛି। ପଶ୍ଚିମ ପ୍ରଶାନ୍ତ ମହାସାଗରରୁ




ସବୁଠାରୁ ଅଧିକ ପ୍ରଭାବ ଆସିଥିଲା। ଜୁନ୍ ମାସର ଆରମ୍ଭରେ ଭାରତ ମହାସାଗର ଉପରେ ମୌସୁମୀ ବାୟୁର ଏକ ଲହରୀ ସୃଷ୍ଟି ହୋଇଥିଲା, କିନ୍ତୁ ଏହା ତୀବ୍ରତର ହୋଇ ପଶ୍ଚିମ ଉତ୍ତର ପ୍ରଶାନ୍ତ ମହାସାଗରରେ ଫିଲିପାଇନ୍ସ ସାଗରରେ ଟାଇଫୁନ୍ 'ଜାଙ୍ଗମି'ର ରୂପ ନେଇଥିଲା। ବଙ୍ଗୋପସାଗର ଉପରେ ଏକ ନିମ୍ନ ଚାପ ପ୍ରଣାଳୀ ସୃଷ୍ଟି କରିବାରେ ସାହାଯ୍ୟ କରିବା ପରିବର୍ତ୍ତେ, ଯାହା ସାଧାରଣତଃ ସାରା ଭାରତରେ ମୌସୁମୀ ପ୍ରଗତିକୁ ପରିଚାଳିତ କରିଥାଏ, କିଛି ବାୟୁମଣ୍ଡଳୀୟ ଶକ୍ତି ପୂର୍ବ ଦିଗକୁ ସ୍ଥାନାନ୍ତରିତ ହୋଇଥିଲା। ଉତ୍ତର ଭାରତରେ ବାରମ୍ବାର ପଶ୍ଚିମା ଝଡ଼ ଯୋଗୁ ଶୁଷ୍କ ଉତ୍ତର-ପଶ୍ଚିମ ପବନ ଏହି ଅଞ୍ଚଳକୁ ପରିବହନ କରିଥିଲା, ଯାହା ଫଳରେ ବ୍ୟାପକ ମେଘ ଗଠନ ଓ ବର୍ଷା ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି ହୋଇଥିଲା। ମୌସୁମୀ ଟ୍ରଫ୍ (ନିମ୍ନ ଚାପରେଖା) ମଧ୍ୟ ସାଧାରଣ ନଥିଲା। ଏହାସହିତ ଏଲ ନିନୋ ପ୍ରଭାବ ପରିବେଶକୁ ଆହୁରି ଦୁର୍ବଳ କରିଦେଇଥିଲା। ମ୍ୟାଡେନ୍-ଜୁଲିଆନ୍ ଓସିଲେସନ ଭାରତ ମହାସାଗର ଉପରେ ମେଘ ଗଠନ ପାଇଁ ମଧ୍ୟ ସାହାଯ୍ୟ କରିନଥିଲା।

## ବିଧାନସଭା ନିର୍ବାଚନ ପାଇଁ ବିଜେପିର ବଡ଼ ପ୍ରସ୍ତୁତି ଶିବରାଜ ଓ ଭୂପେନ୍ଦ୍ରଙ୍କୁ ମିଳିପାରେ ଗୁରୁ ଦାୟିତ୍ୱ

ନୂଆଦିଲ୍ଲୀ : ପଶ୍ଚିମବଙ୍ଗ ନିର୍ବାଚନରେ ସଫଳତା ପରେ ବିଜେପି ଏବେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ବିଶେଷ କରି ଉତ୍ତର ପ୍ରଦେଶ ଓ ପଞ୍ଜାବ ଉପରେ ଦଳ ଅଧିକ ଧ୍ୟାନ ଦେଉଛି। ଆରଏସଏସ ନେତାମାନଙ୍କ ସହ ଆଲୋଚନା ପରେ, ବିଜେପି ନେତୃତ୍ୱ ଦୁଇରୁ ତିନି ଜଣ କେନ୍ଦ୍ର ମନ୍ତ୍ରୀଙ୍କ ସମେତ କିଛି ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ ସଂଗଠନ ଏବଂ ନିର୍ବାଚନ ରଣନୀତିର ବଡ଼ ଦାୟିତ୍ୱ ଦେବାକୁ ଚିନ୍ତା କରୁଛି। ଏହି ଦୌଡ଼ରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଭୂପେନ୍ଦ୍ର ଯାଦବ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିନୋଦ ତାବଡ଼େ, ତରୁଣ ଚୁଗ୍ ଏବଂ ବରିଷ୍ଠ ରଣନୀତିକାର ସୁନୀଲ




ବଂଶଲଙ୍କ ନାଁ ଆଗରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଦେଶ ଗସ୍ତରୁ ଫେରିବାର କିଛି ଦିନ ମଧ୍ୟରେ, ଅର୍ଥାତ୍ ଆସନ୍ତା ସପ୍ତାହ ଭିତରେ ଏହି ନିଯୁକ୍ତିଗୁଡ଼ିକ ଘୋଷଣା ହୋଇପାରେ। ପଞ୍ଜାବରେ ଏବେ ଆମ୍ ଆଦମୀ ପାର୍ଟିର ସରକାର ଥିବା ବେଳେ ଆସନ୍ତା ବର୍ଷ ହେବାକୁ ଥିବା ନିର୍ବାଚନରେ ସେଠାରେ କ୍ଷମତା ହାସଲ କରିବାକୁ ବିଜେପି ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ସେହିପରି ୨୦୨୭ରେ ହେବାକୁ ଥିବା ଉତ୍ତର ପ୍ରଦେଶ ନିର୍ବାଚନ ପାଇଁ ଏବେଠାରୁ ଭୂମି ପ୍ରସ୍ତୁତ କରାଯାଉଛି। ପଶ୍ଚିମବଙ୍ଗରେ ସଂଗଠନକୁ ମଜବୁତ କରିଥିବା ସୁନୀଲ ବଂଶଲଙ୍କୁ ଉତ୍ତର ପ୍ରଦେଶ ଓ ସେଠାକାର ରାଜନୀତିକୁ ଭଲଭାବେ ଜାଣିଥିବା ତରୁଣ ଚୁଗଙ୍କୁ ପଞ୍ଜାବ ଦାୟିତ୍ୱ ମିଳିପାରେ। ଅନ୍ୟପଟେ ଶିବରାଜ ସିଂହ ଚୌହାନଙ୍କ ସାଙ୍ଗଠନିକ ଅଭିଜ୍ଞତା ଓ ଜନସମ୍ପର୍କକୁ ଦେଖି ତାଙ୍କୁ ଉତ୍ତର ପ୍ରଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦିଆଯାଇପାରେ।

# ଝାଡ଼ଖଣ୍ଡ ରାଜ୍ୟସଭା ନିର୍ବାଚନ: କ୍ରସ-ଭୋଟିଂରେ ଜିତିଲେ ଏନଡିଏ ସମର୍ଥିତ ପରିମଳ ନାଥୱାନି, ଝାଡ଼ଖଣ୍ଡ ରାଜନୀତିରେ ବଡ ହଲଚଲ

ରାଞ୍ଚି: ଝାଡ଼ଖଣ୍ଡର ଦୁଇଟି ରାଜ୍ୟସଭା ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ବଡ଼ ଧରଣର ରାଜନୈତିକ ଉତ୍ଥାନ-ପତନ ଦେଖିବାକୁ ମିଳିଛି। କ୍ରସ-ଭୋଟିଂର ନାଟକୀୟ ଢଙ୍ଗରେ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନାଥୱାନି ବିଜୟୀ ହୋଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ପ୍ରଣବ ଝାଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ଆସନରେ ଶାସକ ଦଳ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପ୍ରାର୍ଥୀ ବୈଦ୍ୟନାଥ ରାମ ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନାଥୱାନି ମୋଟ ୨୮ଟି ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ପ୍ରଣବ ଝାଙ୍କୁ ମାତ୍ର ୨୦ଟି ଭୋଟ ମିଳିଛି। ସେହିପରି ଜେଏମଏମ ପ୍ରାର୍ଥୀ ବୈଦ୍ୟନାଥ ରାମ ୩୦ଟି ଭୋଟ ସହ ବିଜୟୀ ହୋଇଛନ୍ତି। ଗୁରୁବାର ବିଧାନସଭା ପରିସରରେ ଅନୁଷ୍ଠିତ ମତଦାନରେ ମୋଟ ୮୧ ଜଣ ବିଧାୟକ ନିଜର ମତ ସାବ୍ୟସ୍ତ କରିଥିଲେ। ତେବେ ଏହି ପ୍ରକ୍ରିୟାରେ ୩ଟି ଭୋଟ ଅବୈଧ ଘୋଷିତ ହୋଇଛି, ଯେଉଁଥିରେ ବିଜେପିର ଦୁଇଜଣ ଏବଂ କଂଗ୍ରେସର ଜଣେ ବିଧାୟକଙ୍କ ଭୋଟ ସାମିଲ ଅଛି। ୮୧ ସଦସ୍ୟ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ମାତ୍ର ୨୪ ଜଣ ବିଧାୟକ ଅଛନ୍ତି। ଗୋଟିଏ ରାଜ୍ୟସଭା ଆସନ ଜିତିବା ପାଇଁ ୨୮ଟି ପ୍ରଥମ ପସନ୍ଦର ଭୋଟ ଆବଶ୍ୟକ ଥିଲା। ଏନଡିଏ ପାଖରେ ଆବଶ୍ୟକ ସଂଖ୍ୟା ନଥିଲେ ମଧ୍ୟ ନାଥୱାନିଙ୍କ



ଆଡ଼କୁ ଇଙ୍ଗିତ କରୁଛି। ଅପରପକ୍ଷେ, ଶାସକ ଇଣ୍ଡିଆ (ଓଘଉଓଇ) ମେଣ୍ଟ ପାଖରେ ୫୬ ଜଣ ବିଧାୟକ ରହିଥିଲେ। ଏହି ବିଜୟ ସହ ପରିମଳ ନାଥୱାନି ନିର୍ବାଚିତ ହୋଇ ଇତିହାସ ସୃଷ୍ଟି କରିଛନ୍ତି। ସେ ପୂର୍ବରୁ ୨୦୦୮ରୁ ୨୦୨୦ ପର୍ଯ୍ୟନ୍ତ ଝାଡ଼ଖଣ୍ଡରୁ ଦୁଇଥର ସ୍ୱାଧୀନ ସାଂସଦ ରହିସାରିଛନ୍ତି। ରାଜ୍ୟସଭାର ସଦସ୍ୟ ଭାବେ ପରିଚିତ ନାଥୱାନି ୨୦୨୦ରେ ଆନ୍ଧ୍ରପ୍ରଦେଶରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ପୁଣି ଥରେ ନିଜର 'କର୍ମଭୂମି' ଝାଡ଼ଖଣ୍ଡକୁ ପ୍ରତ୍ୟାବର୍ତ୍ତନ କରି ସେ ଆନନ୍ଦ ପ୍ରକାଶ କରିଛନ୍ତି। ବିଜୟ ପରେ ନାଥୱାନି 'ଏକ୍ସ' (ଟ୍ୱିଟର) ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ, ଝାଡ଼ଖଣ୍ଡ ବିଜେପି ଅଧ୍ୟକ୍ଷ ଆଦିତ୍ୟ ସାହୁ, ବାବୁଲାଲ ମରାଣ୍ଡି, ନବୀନ ଜୟସ୍ୱାଲ ଏବଂ ସମସ୍ତ ଏନଡିଏ ବିଧାୟକଙ୍କୁ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଝାଡ଼ଖଣ୍ଡର ଜନସାଧାରଣଙ୍କ ସେବା କରିବାର ସୁଯୋଗ ମିଳିଥିବାରୁ ସେ କୃତଜ୍ଞ ବୋଲି ପ୍ରକାଶ କରିଛନ୍ତି। ଏହି ନିର୍ବାଚନ ଫଳାଫଳ ରାଜ୍ୟର ରାଜନୈତିକ ସମୀକରଣରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

# ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ : ୪୭ ହଜାର କୋଟିର ପ୍ରକଳ୍ପ ଭେଟି

ନୂଆଦିଲ୍ଲୀ ୧୯/୦୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି (୨୦ ଜୁନ୍ ୨୦୨୬)ରେ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ରହିବେ ଯାହା ରାଜ୍ୟ ପାଇଁ ଏକ ବିରଳ ତଥା ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ସମୟରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମୟୂରଭଞ୍ଜ ଜିଲ୍ଲାର ପାହାଡପୁର ଗ୍ରାମ ପରିଦର୍ଶନ କରିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପବିତ୍ର ସାନ୍ତାଳୀ ଜାହେରା ଏବଂ ହୋ ଜାହେରା ଠାରେ ପ୍ରାର୍ଥନା କରିବେ ଏବଂ ଦକ୍ଷତା ବିକାଶ କେନ୍ଦ୍ର ଓ ପାହାଡପୁର ସ୍କୁଲ ବୁଲି ଦେଖିବେ। ଏହି ଗସ୍ତ ଆଦିବାସୀ ଓ ଗ୍ରାମାଞ୍ଚଳରେ ଶିକ୍ଷାଗତ ସୁଯୋଗ, ଦକ୍ଷତା ବିକାଶ ଏବଂ ସାମାଜିକ-ଆର୍ଥିକ ସଶକ୍ତୀକରଣକୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସର ପ୍ରତିଫଳନ।

ଅପରାହ୍ନ ପ୍ରାୟ ଗୋଟାଏ ବେଳେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂରଣ ଅବସରରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'ବିକାଶର ଧାରା, ଓଡ଼ିଶା ସାରା'। ଏହି ଅବସରରେ




୪୭,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବେ।

ଏହି କାର୍ଯ୍ୟକ୍ରମ ସମୟରେ, ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ ଯୋଗାଯୋଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଏବଂ ଜଳସେଚନ ସମେତ ପ୍ରମୁଖ କ୍ଷେତ୍ରର ପ୍ରକଳ୍ପଗୁଡ଼ିକର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ସମଗ୍ର ଓଡ଼ିଶାରେ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଯୋଗାଯୋଗରେ ଉନ୍ନତି ଆଣିବ, ଶକ୍ତି ସୁରକ୍ଷା ବୃଦ୍ଧି କରିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ସମାବେଶୀ ଓ ସାମଗ୍ରିକ ବିକାଶ ଦୃଷ୍ଟିକୋଣକୁ ପ୍ରତିଫଳିତ କରି, ଏହି ପଦକ୍ଷେପଗୁଡ଼ିକ ଆଦିବାସୀ ତଥା ଗ୍ରାମାଞ୍ଚଳରେ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବ ଏବଂ ରାଜ୍ୟର ପ୍ରତ୍ୟେକ କୋଣରେ ବିକାଶର ଲାଭ ପହଞ୍ଚାଇବ।

ଶିଳାନ୍ୟାସ ହେବାକୁ ଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ୬୦୦ ମେଗାୱାଟ୍ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଏବଂ ଇବ୍ ତାପଜ ବିଦ୍ୟୁତ ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପର ୬୬୦ ମେଗାୱାଟ୍ ଲେଖାଏଁ ଦୁଇଟି ୟୁନିଟ୍ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ଶକ୍ତି ସୁରକ୍ଷା ବୃଦ୍ଧି କରିବ ଏବଂ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବ। ଝାରସୁଗୁଡା ଜିଲ୍ଲାର ଲଖନପୁରରେ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ) ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହା ଘରୋଇ କୋଇଲା ସମ୍ପଦର ସ୍ୱଚ୍ଛ ବ୍ୟବହାରକୁ ପ୍ରୋତ୍ସାହିତ କରିବ, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବ ଏବଂ ସ୍ଥାନୀୟ ଅଞ୍ଚଳରେ ନୂତନ ଶିଳ୍ପ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଭିତ୍ତିପ୍ରସ୍ତର ସ୍ଥାପନ କରାଯିବାକୁ ଥିବା ଅନ୍ୟ ପ୍ରକଳ୍ପଗୁଡିକ ମଧ୍ୟରେ ଭୁବନେଶ୍ୱରରେ ଏକ ୩୦୦ ଟିପିଡି ଉତ୍ସ-ପୃଥକୀକରଣ ପୌର କଠିନ ବର୍ଜ୍ୟବସ୍ତୁ ଆଧାରିତ କମ୍ପ୍ରେସଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ, କଟକ ଓ ଭୁବନେଶ୍ୱରକୁ ସିଧାସଳଖ ସଂଯୋଗ କରୁଥିବା କାଠଯୋଡି ନଦୀ ଉପରେ ଏକ ସେତୁ, ବୌଦ୍ଧ ଜିଲ୍ଲାର ଧଳପୁର-ହରଭଙ୍ଗା ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଏବଂ ନୂଆପଡାରୁ ଘାଟିପଡା ପର୍ଯ୍ୟନ୍ତ ଏନଏଚ-୩୫୩ର ଏକ ଅଂଶକୁ ଚାରି ଲେନ କରିବା, କୁସୁମଡିହି ବୃହତ ଉଠା ଜଳସେଚନ ପ୍ରକଳ୍ପ, ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ ରାଇରଙ୍ଗପୁରରେ ଇଣ୍ଡୋର ବ୍ୟାଡମିଣ୍ଟନ କମ୍ପ୍ଲେକ୍ସ ଇତ୍ୟାଦି ରହିଛି।

ଏହାବ୍ୟତୀତ ବୌଦ୍ଧଠାରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ କୋଠା, ୨୪ଟି ଅଟଳ ବସ୍ ଷ୍ଟାଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର ମଧ୍ୟ ଉଦଘାଟନ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ସ୍ୱାସ୍ଥ୍ୟସେବା ଏବଂ ସାଧାରଣ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଉଦଘାଟନ ହେବାକୁ ଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଏନଏଚ-୫୭ରେ ନୟାଗଡ ଟାଉନ ବାଇପାସ୍, କୁସୁମି ସ୍ମାର୍ଟ ଜଳସେଚନ ପ୍ରକଳ୍ପର ଭୂତଳ ପାଇପଲାଇନ୍ ଭାଗ, ଜଖପୁରା-ଯାଜପୁରକେନ୍ଦୁଝରରୋଡ୍-ବୈତରଣୀ ରୋଡ୍ ପ୍ରଶସ୍ତିକରଣ ପ୍ରକଳ୍ପ, ହିନ୍ଦୋଳ ରୋଡ୍-ମେରାମଣ୍ଡଳୀ ପ୍ରଶସ୍ତୀକରଣ ପ୍ରକଳ୍ପ, ରାଇରଙ୍ଗପୁରରେ କ୍ରୀଡା କମ୍ପ୍ଲେକ୍ସ ଓ ଜନଜାତି ଗବେଷଣା କେନ୍ଦ୍ର ଅନ୍ତର୍ଭୁକ୍ତ।

# ଆଜି ତୃତୀୟ ଦିନିକିଆ : କ୍ଲିନସୁଇପ୍ ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୧୯/୦୬: ଆସନ୍ତାକାଲି ଭାରତ-ଆଫଗାନିସ୍ତାନ ମଧ୍ୟରେ ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ମ୍ୟାଚ ଆରମ୍ଭ ହେବ। ଚେନ୍ନାଇରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ଦୁଇ ମ୍ୟାଚ୍ ଜିଣି ଆଗୁଆ ସିରିଜ ଅକ୍ତିଆର କରିଥିବାରୁ ଘରୋଇ ଭାରତ ବିନା ଚାପରେ ଖେଳିବ। ଏପରିକି କ୍ଲିନସୁଇପ୍ ସହ ସିରିଜ ହାତେଇବାକୁ ଚେଷ୍ଟା କରିବ। ଅନ୍ୟପକ୍ଷରେ ଆଫଗାନିସ୍ତାନ ଅନ୍ତିମ ମ୍ୟାଚ ଜିଣି ସମ୍ମାନ ରକ୍ଷା କରିବାକୁ ଚେଷ୍ଟା କରିବ। ଏହା ପୂର୍ବରୁ ଭାରତୀୟ ଦଳକୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଦ୍ରୁତ ବୋଲର ହର୍ଷିତ ରାଣା ପ୍ରାୟ ସାଢେ ଚାରି ମାସ ପରେ ଦଳକୁ ଫେରିଛନ୍ତି । ଏ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଘୋଷଣା କରିଛି । ଆଘାତ ଯୋଗୁଁ ୨୦୨୬ ଟି୨୦ ବିଶ୍ୱକପ୍ ଏବଂ ଆଇପିଏଲରୁ ବାଦ ପଡ଼ିଥିବା ରାଣା ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ତାଙ୍କର ପୁନର୍ବାସ ସମାପ୍ତ କରିଛନ୍ତି । ଚେନ୍ନାଇରେ ଖେଳାଯିବ ତୃତୀୟ ତଥା ଅନ୍ତିମ ଦିନିକିଆ । ଏ ନେଇ ଟିମ୍ ଇଣ୍ଡିଆ ଚେନ୍ନାଇରେ ପହଞ୍ଚି ସାରିଛି । ଟେଷ୍ଟ ପରେ ଦିନିକିଆ ସିରିଜରେ ୨ଟି ମ୍ୟାଚ ଜିତି ଆଗୁଆ ସିରିଜ୍ କବଜା କରି ସାରିଛି ଟିମ୍ ଶୁଭମନ । ହର୍ଷିତ ରାଣା ଫେବୃଆରୀ ୨୦୨୬ରୁ ପ୍ରତିଯୋଗିତାମୂଳକ କ୍ରିକେଟରୁ ଦୂରେଇ ରହିଥିଲେ । ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପୂର୍ବରୁ ଏକ ଅଭ୍ୟାସ ମ୍ୟାଚ୍ ସମୟରେ



ଆହତ ହୋଇଥିଲେ ହର୍ଷିତ । ଆଘାତ ଏତେ ଗୁରୁତର ଥିଲା ଯେ, ସେ ଚଳିତ ଆଇପିଏଲ ସିଜିନରୁ ବାଦ ପଡ଼ିଥିଲେ । ସେ ଏବେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ରେ ସଫଳତାର ସହ ତାଙ୍କର ପୁନର୍ବାସ ସମାପ୍ତ କରିଛନ୍ତି । ଏହା ପରେ, ଚୟନ କମିଟି ତାଙ୍କୁ ଆଫଗାନିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ପାଇଁ ଭାରତୀୟ ଦଳରେ ସାମିଲ କରିବାକ ନିଷ୍ପତ୍ତି ନେଇଛି । ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ସିରିଜରେ ୨-୦ରେ ଆଗୁଆ ରହିଛି । ଫାଇନାଲ ମ୍ୟାଚ୍ ପୂର୍ବରୁ ହର୍ଷିତ ରାଣାଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଅତିରିକ୍ତ ଶକ୍ତି ଦେଇଛି ।

ବିସିସିଆଇ ସଚିବ ଦେବଜିତ ସାଇକିଆ ଏକ ବିବୃତ୍ତିରେ କହିଛନ୍ତି, 'ପୁରୁଷ ଚୟନ କମିଟି ତୃତୀୟ ଏକଦିବସୀୟ ପାଇଁ ହର୍ଷିତ ରାଣାଙ୍କୁ ଭାରତୀୟ ଦଳରେ ସାମିଲ କରିଛି । ରାଣା ସେଣ୍ଟର ଅଫ୍ ଏକ୍ସଲେନ୍ସରେ ତାଙ୍କର ପୁନର୍ବାସ ସମାପ୍ତ କରିଛନ୍ତି ଏବଂ ବର୍ତ୍ତମାନ ଚେନ୍ନାଇରେ ଦଳରେ ଯୋଗ ଦେଇଛନ୍ତି ।' ହର୍ଷିତ ରାଣାଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ଯୁବ ଦ୍ରୁତ ବୋଲର ତାଙ୍କର ଅତିରିକ୍ତ ଗତି ଏବଂ ଆକ୍ରମଣାତ୍ମକ ବୋଲିଂ ପାଇଁ ଜଣାଶୁଣା। ଚେନ୍ନାଇ ଦିନିକିଆ ପାଇଁ ତାଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିବ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିବ ।

# ବିଶ୍ୱକପ୍‌ରେ ଗୋଲ୍ କରି ଘର, କାର୍ ଜିତିଲେ ୱିସା

ହ୍ୟୁଷ୍ଟନ, ୧୯/୦୬: ପର୍ତ୍ତୁଗାଲ୍ ବିପକ୍ଷରେ ଗୋଲ୍ ସ୍କୋର କରିଥିବା ଡେମୋକ୍ରେଟିକ ରିପବ୍ଲିକ ଅଫ୍ କଙ୍ଗୋ। (ଡିଆର କଙ୍ଗୋ) ୟୋଆନେ ୱିସାଙ୍କ ପାଇଁ ସ୍ୱଦେଶରେ ଅପେକ୍ଷା କରିଛି ଏକ ୩ ଶୟନ କକ୍ଷ ବିଶିଷ୍ଟ ଘର ଓ ଏକ କାର । ବିଶ୍ୱକପ୍ ପୂର୍ବରୁ ଏକ ରିୟଲ ଇଷ୍ଟେଟ କମ୍ପାନୀ ପକ୍ଷରୁ ଡିଆର କଙ୍ଗୋ ଫୁଟବଲ୍ ଦଳ ପାଇଁ ଉପହାର ଘୋଷଣା କରାଯାଇଥିଲା । ବିଶ୍ୱକପରେ ପ୍ରତ୍ୟେକ ଗୋଲ କରୁଥିବା



ଖେଳାଳିଙ୍କୁ ରହିବା ପାଇଁ ଘର ଓ ଏକ କାର୍ ଉପହାର ଦେବାକୁ ଉକ୍ତ ରିୟଲ ଇଷ୍ଟେଟ କମ୍ପାନୀ ଘୋଷଣା କରିଥିଲା । ୱିସା ପ୍ରଥମ ଡିଆର କଙ୍ଗୋ ଖେଳାଳି ଭାବେ ବିଶ୍ୱକପ୍‌ରେ ଗୋଲ୍ କରି ଇତିହାସ ରଚିଛନ୍ତି।

ସୂଚନାଯୋଗ୍ୟ, ମ୍ୟାଚ୍‌ର ୪୫+ ୫ତମ ମିନିଟ୍‌ରେ ଆର୍ଥର ମାସୁଆକୁଙ୍କ ଏକ ପାସ୍‌କୁ ୟୋଆନେ ୱିସା ହେଡ୍ କରି ଗୋଲ୍‌ରେ ପରିଣତ କରିଥିଲେ । ୧-୧ରେ ସ୍ଥିତି ବରାବର ହୋଇଥିଲା। ଦୀର୍ଘ ୫୨ବର୍ଷ ପରେ ଡିଆର କଙ୍ଗୋ। ବିଶ୍ୱକପ୍‌ରେ ଏକ ଗୋଲ କରିବାରେ ସଫଳ ହୋଇଥିଲା । ଆଫ୍ରିକା ମହାଦେଶରେ କଙ୍ଗୋ। ନାମରେ ୨ଟି ସ୍ୱାଧୀନ ଦେଶ ରହିଛି। ଗୋଟିଏ ଦେଶର ନାମ ରିପବ୍ଲିକ୍ ଅଫ୍ କଙ୍ଗୋ ଓ ଅନ୍ୟ ଦେଶର ନାମ ଡେମୋକ୍ରେଟିକ ରିପବ୍ଲିକ୍ ଅଫ୍ କଙ୍ଗୋ। (ଡିଆର କଙ୍ଗୋ) । ଡିଆର କଙ୍ଗୋର ରାଜଧାନୀ କିନସାସା। ରିପବ୍ଲିକ ଅଫ୍ କଙ୍ଗୋର ରାଜଧାନୀର ନାମ ହେଉଛି ବ୍ରାଜାଭିଲ୍ । ଉଭୟ ଦେଶର ରାଜଧାନୀ ପରସ୍ପରର ଅତ୍ୟନ୍ତ ନିକଟତର । ବିଶ୍ୱର ସବୁଠୁ କମ୍ ଦୂରତା ବିଶିଷ୍ଟ ଦୁଇ ସ୍ୱାଧୀନ ରାଷ୍ଟ୍ରର ରାଜଧାନୀ । ଉଭୟ ରାଜଧାନୀ ମଧ୍ୟରେ କେବଳ କଙ୍ଗୋ ନଦୀ ବହି ଯାଇଛି ।

# ରାଇରଙ୍ଗପୁରଠାରେ ୭୩୨ କୋଟିର ରେଳ ପ୍ରକଳ୍ପ ସମର୍ପଣ କରିବେ ରାଷ୍ଟ୍ରପତି

ଭୁବନେଶ୍ୱର, ୧୯।୬(ମହାଭାରତ): ରେଳ ଭିତ୍ତିଭୂମି, ପରିଚାଳନା ଦକ୍ଷତା ଏବଂ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ସଫଳତା ସ୍ୱରୂପ,

- ଯଖପୁରା – ଯାଜପୁର କେନ୍ଦୁଝରେ ରୋଡ଼ – ବୈତରଣୀ ରୋଡ଼ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଲୋକାର୍ପଣ
- ହିନ୍ଦୋଳ ରୋଡ଼ – ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଲୋକାର୍ପଣ
- ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ଟ୍ରେନ୍ ପରିଚାଳନା କ୍ଷମତା, ଶିଳ୍ପ ଲଜିଷ୍ଟିକ୍ସ ଏବଂ ଆଞ୍ଚଳିକ ସଂଯୋଗୀକରଣକୁ ବ୍ୟାପକ ଭାବେ ବୃଦ୍ଧି କରିବ

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଗରିମାମୟ ଉପସ୍ଥିତିରେ ମାନନୀୟ ରାଷ୍ଟ୍ରପତି ୨୦ ଜୁନ୍ ୨୦୨୬ରେ ରାଇରଙ୍ଗପୁର ଠାରେ ୭୩୨ କୋଟିରୁ ଅଧିକ ଟଙ୍କାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପକୁ ଦେଶବାସୀଙ୍କୁ ସମର୍ପଣ କରିବେ।ପୂର୍ବତଟ ରେଳପଥ ଅଧୀନରେ ବିକଶିତ ଏହି ଦୁଇଟି ପ୍ରକଳ୍ପ ରେଳ ଲାଇନର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀବାହୀ ତଥା ମାଲବାହୀ ଟ୍ରେନର ସୁଗମ ଚଳାଚଳକୁ ସହଜ କରିବ। ଏହି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ରେଳ ଭିତ୍ତିଭୂମିର ମେରୁଦଣ୍ଡକୁ ଆହୁରି ମଜବୁତ କରିବ ଏବଂ ରାଜ୍ୟରେ ବଢୁଥିବା ଶିଳ୍ପ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ସହାୟତା ପ୍ରଦାନ କରିବ।୧୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ୩୨୩ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ବୃହତ ଭଦ୍ରକ – ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଭାବରେ ବିକଶିତ କରାଯାଇଛି। ଏହି ପ୍ରକଳ୍ପଟି ଅତ୍ୟଧିକ ବ୍ୟସ୍ତବହୁଳ ହାୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କ୍ଷମତା ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ସୁଧାର ଆଣିବ ଏବଂ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡ଼ିକର ଦ୍ରୁତ ଚଳାଚଳ ନିଶ୍ଚିତ କରିବ।ଏହି ପ୍ରକଳ୍ପ କୋଇଲା ଏବଂ ଅନ୍ୟାନ୍ୟ ଭାରୀ ସାମଗ୍ରୀର ନିରବଚ୍ଛିନ୍ନ ପରିବହନରେ ମଧ୍ୟ ସହାୟକ ହେବ, ଯାହା ନିକଟସ୍ଥ ବନ୍ଦର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ସହଯୋଗ ମିଳିବ। ସେହିପରି, ୪୦୯ କୋଟି ଟଙ୍କା ବ୍ୟୟରେ ୨୭ କିଲୋମିଟର ଦୈର୍ଘ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ହିନ୍ଦୋଳ ରୋଡ଼ – ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ, ଗୁରୁତ୍ୱପୂର୍ଣ୍ଣ ବୁଢ଼ାପଙ୍କ – ଶାଳଗାଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଅଟେ। ଏହି ପ୍ରକଳ୍ପ ଟ୍ରେନ୍ ପରିଚାଳନ କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ପରିଚାଳନାଗତ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବ ଏବଂ କୋଇଲା, ଇସ୍ପାତ, ବିଦ୍ୟୁତ କ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଶିଳ୍ପ ଜାତ ସାମଗ୍ରୀର ସୁଗମ ପରିବହନକୁ ସହାୟତା କରିବ।ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସୃଷ୍ଟ ଅତିରିକ୍ତ କ୍ଷମତା ଅଧିକ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ପରିଚାଳନକୁ ସମ୍ଭବ କରିବ, ସଂଯୋଗୀକରଣର ବ୍ୟବସ୍ଥାରେ ଉନ୍ନତି ଆଣିବ, ଶିଳ୍ପ ଲଜିଷ୍ଟିକ୍ସକୁ ମଜବୁତ କରିବ ଏବଂ ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି କ୍ଷମତା ବୃଦ୍ଧି ପ୍ରକଳ୍ପଗୁଡ଼ିକ ଆଧୁନିକ, ଦକ୍ଷ ଏବଂ ଭବିଷ୍ୟତ ଉପଯୋଗୀ ରେଳ ଭିତ୍ତିଭୂମି ନିର୍ମାଣ ଦିଗରେ ଭାରତ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାର ପ୍ରତିଫଳନ। ଏହି ପ୍ରକଳ୍ପଗୁଡ଼ିକ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସୁଦୃଢ଼ କରିବାରେ ବହୁ ଦୂର ସହାୟକ ହେବ।

# ଆଇପିଏଲ୍‌ରେ ମହଙ୍ଗା ବ୍ୟାଟ୍ ବ୍ୟବହାର କରିଥିବା ୫ ଖେଳାଳୀ

ମୁମ୍ବାଇ, ୧୯।୬ : ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ୨୦୨୬ଟାଇଟଲ ଜିତିଥିଲା। ଏହା ଆରସିବିର ଲଗାତର ଦ୍ୱିତୀୟ ଟାଇଟଲ ଥିଲା । ଟୁର୍ଣ୍ଣାମେଣ୍ଟ ମଧ୍ୟରେ ଏବଂ ପରେ ଅନେକ ବିଷୟରେ ଆଲୋଚନା ହୋଇଥିଲା। କେତେକ ଏହି ସିଜନରେ ପ୍ରଦାନ କରାଯିବାକୁ ଥିବା ବିପୁଳ ପୁରସ୍କାର ରାଶି ବିଷୟରେ ଆଲୋଚନା କରିଥିଲେ ତ ଆଉ କେତେକ ୧୫ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଦିଆଯାଇଥିବା ପୁରସ୍କାର ରାଶି ଉପରେ ଧ୍ୟାନ ଦେଇଥିଲେ। କିନ୍ତୁ ଏଠାରେ ଆମେ ଆପଣଙ୍କୁ କହିବୁ ଯେ ଏହି ସିଜନରେ କେଉଁ ୫ଜଣ ଖେଳାଳୀ ସବୁଠାରୁ ମହଙ୍ଗା ବ୍ୟାଟ୍ ବ୍ୟବହାର କରିଥିଲେ । ଏହି ତାଲିକା ଉପରେ ଯଦି ନଜର ପକାଇବା ତେବେ ବିରାଟ କୋହଲି ଶୀର୍ଷରେ ଅଛନ୍ତି ।

**ବିରାଟ କୋହଲି-୧.୫୦ଲକ୍ଷ**

କିଙ୍ଗ୍ କୋହଲି ଆଇପିଏଲ୍ ୨୦୨୬ରେ ସବୁଠାରୁ ମହଙ୍ଗା ବ୍ୟାଟ୍ ବ୍ୟବହାର କରିଥିଲେ । ତାଙ୍କ ବ୍ୟାଟର ମୂଲ୍ୟ ୧.୫୦ଲକ୍ଷ ଟଙ୍କା ଥିଲା । ଆପଣ ହୁଏତ କୋହଲି ଆରସିବି ପାଇଁ ଖେଳୁଥିବା ସମୟରେ ତାଙ୍କ ବ୍ୟାଟରେ MRF ଷ୍ଟିକର ଦେଖିଥିବେ, କିନ୍ତୁ ସେ SS ବ୍ୟାଟ୍ ବ୍ୟବହାର କରନ୍ତି। ଗଜର ହେଉଛି ତାଙ୍କ ବ୍ୟାଟର ସ୍ପନ୍ସର ।



କେଏଲ୍ ରାହୁଲ- ୧.୧୦ ଲକ୍ଷ

ଦିଲ୍ଲୀ କ୍ୟାପିଟାଲ୍ସର ଷ୍ଟାର ବ୍ୟାଟର କେଏଲ ରାହୁଲ ସବୁଠାରୁ ମହଙ୍ଗା ବ୍ୟାଟ୍ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରାହୁଲଙ୍କ ବ୍ୟାଟର ମୂଲ୍ୟ ୧.୧୦ଲକ୍ଷ ଟଙ୍କା ଅଟେ । ସେ SGe କେଏଲଆର-୧ ଏଡ଼ିଶନ ବ୍ୟବହାର କରନ୍ତି।

ଅଭିଷେକ ଶର୍ମା- ୧ ଲକ୍ଷ

ଲିଷ୍ଟରେ ସନରାଇଜର୍ସ ହାଇଦ୍ରାବାଦ ଲାଗି ଖେଳୁଥିବା ଅଭିଷେକ ଶର୍ମା ତୃତୀୟ ସ୍ଥାନରେ ଅଛନ୍ତି । ଅଭିଷେକଙ୍କ ବ୍ୟାଟର ମୂଲ୍ୟ ୧ ଲକ୍ଷ ଟଙ୍କା ଅଟେ । ସେ SSର ବ୍ୟାଟ୍ ବ୍ୟବହାର କରିଥାନ୍ତି, ଯାହା ଉପରେ ଔରଜଙ୍ଗ ଷ୍ଟିକାର ଲଗାଇ ଖେଳିଥାନ୍ତି ।

**ଇଶାନ କିଶନ- ୧ ଲକ୍ଷ**

ଇଶାନ କିଶନ ଲିଷ୍ଟରେ ଚତୁର୍ଥ ସ୍ଥାନରେ ନଜର ଆସିଥାନ୍ତି । ସିଜନରେ ସନରାଇଜର୍ସ ହାଇଦ୍ରାବାଦ ଲାଗି ଖେଳୁଥିବା ଇଶାନଙ୍କ ବ୍ୟାଟର ମୂଲ୍ୟ ୧ ଲକ୍ଷ ଟଙ୍କା ଅଟେ । ସେ SGe SG ପ୍ଲେୟର ଇଶାନ କିଶନ ଏଡ଼ିଶନର ବ୍ୟବହାର କରିଥାନ୍ତି । **ଫିଲ ସାଲ୍ଟ- ୯୦ ହଜାର-** ଇଂଲିଶ ବ୍ୟାଟର ଫିଲ ସାଲ୍ଟ ଲିଷ୍ଟର ପଞ୍ଚମ ସ୍ଥାନରେ ଅଛନ୍ତି । ଆରସିବି ଲାଗି ଖେଳୁଥିବା ସାଲ୍ଟଙ୍କ ବ୍ୟାଟର ମୂଲ୍ୟ ୯୦ ହଜାର ଟଙ୍କା ଅଟେ ।

# ରଣଜୀରୁ ଟିମ୍ ଇଣ୍ଡିଆ, ଗୁରନୂରଙ୍କ ସଫଳତା ପଛରେ ସଂଘର୍ଷ

ନୂଆଦିଲ୍ଲୀ, ୧୯।୬ ଟିମ୍ ଇଣ୍ଡିଆରେ କମାଲ କରୁଛନ୍ତି ଯୁବ ବୋଲର ଗୁରନୂର ବ୍ରାର । ପଞ୍ଜାବର ଏହି ୨୬ ବର୍ଷୀୟ ଯୁବ ବୋଲର ଆଫଗାନିସ୍ତାନ ବିପକ୍ଷରେ ଡେବ୍ୟୁ କରିଥିବାବେଳେ ପ୍ରତିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କ ଅକଳରେ ପକାଉଛନ୍ତି । ଲମ୍ବା ବାଉନ୍ସର ସାଙ୍ଗକୁ ଆଉଟ୍ କରୁଛନ୍ତି । ତେବେ ଟିମ୍ ଇଣ୍ଡିଆରେ ସେ ଟିମ୍ ଇଣ୍ଡିଆରେ କେମିତି ପାଇଲେ ସୁଯୋଗ ଏହାକୁ ନେଇ ସବୁଠି ଚର୍ଚ୍ଚା ହେଉଥିବାବେଳେ ଆସନ୍ତୁ ଆମର ଏହି ଆଲେଖ୍ୟରେ ଜାଣିବା ।

ଗୁରନୂର ବ୍ରାର ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଏବଂ ଦିନିକିଆ ମୁକାବିଲା ଖେଳିଥିବାବେଳେ ତାଙ୍କର ଦକ୍ଷତାକୁ ନେଇ ସବୁଠି ପ୍ରଶଂସା କରାଯାଉଛି । ଦୁଇଟି ଦିନିକିଆରେ ୬ ୱିକେଟ ନେଇଥିବାବେଳେ କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସେ । ତେବେ ଏହି ସଫଳତା ପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଗୁରନୂର । ସେ କହିଛନ୍ତି କି, ଟିମ୍ ଇଣ୍ଡିଆରେ ସ୍ଥାନ ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିଛି । ଯାହା ପାଇଁ ଦୀର୍ଘବର୍ଷ ହେବ ପ୍ରୟାସ କରୁଆସୁଥିଲି । ମୁଁ ସବୁବେଳେ ଲେନ୍ଥ, ସ୍ୱିଙ୍ଗ୍ ଏବଂ ଦ୍ରୁତ ବୋଲିଂ ଉପରେ ଧ୍ୟାନ ଦିଏ ।



ରଣଜୀ, ଇଣ୍ଡିଆ-ଏ, ଦିଲ୍ଲୀପ ଟ୍ରଫି ଏବଂ ଇରାନୀ କପ ଭଳି ପ୍ଲାଟଫର୍ମ ଦେଇ ଆସିଛନ୍ତି ଗୁରନୂର । ସେ କହିଛନ୍ତି କି, ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିବା ପାଇଁ ଏହିସବୁ ପର୍ଯ୍ୟାୟ ମାନସିକ ଭାବେ ପ୍ରସ୍ତୁତ କରିଥାଏ । ଭାରତ-ଏ ଟିମରେ ଯେତେବେଳେ ସ୍ଥାନ ମିଳିଥିଲା ମୋତେ ବହୁତ ଖୁସି ଲାଗିଥିଲା । ସେ ଅଭିଜ୍ଞତା ଏବେ ଆତ୍ମବିଶ୍ୱାସ ଦେଉଛି । ଏହାସହ ମୁଁ ପ୍ରତ୍ୟେକ ବଲ ଉପରେ ବିଶ୍ୱାସ କରେ । ଆରମ୍ଭ ଆହୁରି ଭଲ ହୋଇପାରିଥାନ୍ତା । ମୁଁ ଆଶା କରୁଛି ଆଗାମୀ ସମୟରେ ଆହୁରି ଭଲ କରିବି ।

୬ ଫୁଟ୍ ୫ ଇଞ୍ଚର ଏହି ଖେଳାଳିଙ୍କ ସବୁଠାରୁ ବଡ଼ ଉପଲବ୍ଧି ହେଉଛି ବାଉନ୍ସର । ଯାହାକି ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥାଏ । ସେପଟେ ଆଇପିଏଲ ଅଭିଜ୍ଞତା ସମ୍ପର୍କରେ ମଧ୍ୟ କହିଛନ୍ତି । ଗୁଜୁରାଟ ଦଳରେ ସାମିଲ ଥିବାବେଳେ ନେହେରା, ରାବାଡା ଏବଂ ସିରାଜଙ୍କ ଭଳି ଦକ୍ଷ ବୋଲରଙ୍କଠାରୁ ଅନେକ କିଛି ଶିଖିଛି ବୋଲି ପ୍ରକାଶ କରିଛନ୍ତି ଗୁରନୂର ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ